- Vol.- 46, Issue No. 154
- Thursday, 03 September 2026
- ଗୁରୁବାର, ୦୩ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଫୁଲୁଛି ସୁବର୍ଣ୍ଣରେଖା
### ତଳିଆ ଅଞ୍ଚଳରେ ବଢ଼ିଲା ବିପଦ



ଭୁବନେଶ୍ୱର, ୨।୯: ସୁବର୍ଣ୍ଣରେଖା ନଦୀରେ ଏକ ବଡ଼ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। କାରଣ ମୟୂରଭଞ୍ଜ ଏବଂ ଝାଡ଼ଖଣ୍ଡର ଉପର ଜଳଭଣ୍ଡାରରେ ପ୍ରବଳ ବର୍ଷା ହେବା ପରେ ଜଳସ୍ତର ବିପଦ ସଙ୍କେତଠାରୁ ପ୍ରାୟ ୧.୫ ମିଟର ଉପରେ ରହିଛି । ଫଳରେ ପ୍ରାୟ ୧୧.୮୪ ମିଟର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଜଳ ସମ୍ପଦ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନାରୁ ପ୍ରକାଶ। ସୁବର୍ଣ୍ଣରେଖାର ଜଳସ୍ତର ବୁଧବାର ଅପରାହ୍ନ ୧ଟା ସୁଦ୍ଧା ପ୍ରାୟ ୧୧.୬୦ ମିଟର ବୃଦ୍ଧି ପାଇଛି। ବିପଦ ସଙ୍କେତ ରହିଛି ୧୦.୩୬ ମିଟର। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଇଞ୍ଜିନିୟର ଦିଲ୍ଲୀପ କୁମାର ରାଉତ କହିଛନ୍ତି ଯେ ନଦୀର ଜଳସ୍ତର ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି । ତାଙ୍କ ସୂଚନା ଅନୁଯାୟୀ, ଉପର ଜଳଭଣ୍ଡାର ଅଞ୍ଚଳରେ, ବିଶେଷକରି ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଏବଂ ଅଗଷ୍ଟ ୩୧ ଏବଂ ସେପ୍ଟେମ୍ବର ୧ ତାରିଖରେ ମୟୂରଭଞ୍ଜ ଜିଲ୍ଲାରେ ଯଥେଷ୍ଟ ବର୍ଷା ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଛି।ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇଥିଲା, ବେତନଟି ସମେତ କିଛି ଅଞ୍ଚଳରେ ପ୍ରାୟ ୩୦୦ ମିମି ରେକର୍ଡ କରାଯାଇଥିଲା। ଝାଡ଼ଖଣ୍ଡର ଉପର ଜଳଭଣ୍ଡାର ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା।ବିଭାଗ ସୁବର୍ଣ୍ଣରେଖାରେ ଜଳ ପ୍ରବେଶ ଏବଂ ଝାଡ଼ଖଣ୍ଡର ଗାଲୁଡିହ ବ୍ୟାରେଜରୁ ଜଳ ଛାଡିବା ଉପରେ କଡ଼ା ନଜର ରଖିଥିବା କୁହାଯାଇଛି।

## ୫ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨।୯ : ଲଘୁଚାପ ପ୍ରଭାବରେ ସାରା ଓଡ଼ିଶାରେ ବର୍ଷା ଜାରି ରହିଛି। ଆଜି ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଆଇଏମଡି ଅନୁଯାୟୀ, ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଉପକୂଳ, ଓଡ଼ିଶା, ଝାଡଖଣ୍ଡ ଏବଂ ସଂଲଗ୍ନ ଉତ୍ତର- ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ସ୍ପଷ୍ଟ ଭାବରେ ଚିହ୍ନିତ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି । ଯାହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ଏବଂ ଝାଡଖଣ୍ଡରେ ପଶ୍ଚିମ- ଉତ୍ତରପଶ୍ଚିମ ଆଡକୁ ଗତି କରିବାର ସମ୍ଭାବନା ଅଛି । ସୂଚନା ଅନୁଯାୟୀ, ସେପ୍ଟେମ୍ବର ୫ ତାରିଖ ଯାଏଁ କିଛି ସ୍ଥାନରେ ବର୍ଷା ଜାରି ରହିବ।

### କେନ୍ଦ୍ରୀୟ ଜଳ ଶକ୍ତି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଜଳ ସୁରକ୍ଷା ଓ ସିଞ୍ଚନ ବିକାଶକୁ ପ୍ରାଥମିକତା

- ★ ୨ ବର୍ଷରେ ୩.୨ ଲକ୍ଷ ହେକ୍ଟର ଜମିର ହୋଇଛି ଜଳସେଚନ
- ★ ୫୪ ହଜାର କୋଟିର ଜଳ ଭିତ୍ତିଭୂମି ମଞ୍ଜୁର
- ★ ୭୭୦ ନୂଆ ଚେକ୍ ଡ୍ୟାମ୍ ଓ ୯ ଆଇଏସଏସ ପ୍ରକଳ୍ପ ସରିଛି
- ★ କୃଷକଙ୍କ ବିକାଶ ପାଇଁ ଗାଁ ଗାଁରେ ସୋଲାର ଓ ଡିପ୍ ବୋରୱେଲ ବ୍ୟବସ୍ଥା
- ★ ସଶକ୍ତ ହେଉଛନ୍ତି ୪୦ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତ
- ★ ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଓ ଭିତ୍ତିଭୂମି ବିକାଶର ସଫଳତା ଉପସ୍ଥାପନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୮: ଓଡ଼ିଶାର ଅର୍ଥନୀତି କୃଷି ପ୍ରଧାନ। ତେଣୁ ଜଳ ସୁରକ୍ଷା ଓ ସିଞ୍ଚନର ବିକାଶକୁ ଆମ ସରକାର ସବୁଠାରୁ ଅଧିକ ପ୍ରାଥମିକତା ଦେଉଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରି ଦିଆଯାଇଛି । ଅତି କମ୍ ସମୟ ମଧ୍ୟରେ ୩,୨୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି । ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବିଭାଗୀୟ ସମ୍ମିଳନୀରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏଙ୍କ ସମେତ ବିଭିନ୍ନ ରାଜ୍ୟର ଜଳ ସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଏବଂ ଭିତ୍ତିଭୂମି ବିକାଶର ସଫଳତା ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୭୭୦ଟି ନୂତନ ଚେକ୍ ଡ୍ୟାମ୍ ଓ ୯ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର(ଆଇଏସଏସ) କାର୍ଯ୍ୟ ଶେଷ ହୋଇଛି। ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି। ଏହା ସହିତ ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କ, ୬ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଆଗାମୀ ବର୍ଷକ ମଧ୍ୟରେ ଆଉ ୧୪ଟି ଆଇଏସଏସ ପ୍ରକଳ୍ପ ଏବଂ ୬ଟି ମିଡିୟମ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ। ବର୍ତ୍ତମାନ ୫ଟି ନୂଆ ବଡ଼ ଓ ମଧ୍ୟମ, ୫୮ଟି ମେଗା ଲିଫ୍ଟ ଏବଂ ୫ଟି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରକୁ ସହାୟତା ପାଇଁ ୩,୨୨୪ଟି କମ୍ୟୁନିଟି ଲିଫ୍ଟ ଇରିଗେସନ୍, ୨୦,୨୨୮ଟି ଡିପ୍ ବୋରୱେଲ୍ ଏବଂ ୮,୯୧୭ଟି ସୋଲାର ଡିପ୍ ବୋରୱେଲ୍ ନିର୍ମାଣ କରାଯାଇଛି। ଭୂ-ଜଳ ସ୍ଥିରତା ବଜାୟ ରଖିବା ପାଇଁ 'ଛାତ' ଯୋଜନାରେ ୨୦,୦୦୦ ରୁଫଟପ୍ ରେନୱାଟର ହାର୍ଭେଷ୍ଟିଂ ଷ୍ଟ୍ରକ୍ଚର ଏବଂ 'ଅରୁଆ' ଯୋଜନାରେ ୧,୨୦୦ଟି ରିଚାର୍ଜ ସାଫ୍ଟ ସମ୍ପୂର୍ଣ୍ଣ ହୋଇଛି। ଜଳସେଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ୪୦,୦୦୦ରୁ ଊର୍ଦ୍ଧ୍ୱ 'ପାଣି ପଞ୍ଚାୟତ'କୁ ସଶକ୍ତ କରାଯାଉଛି। ଏହିସବୁ ପଦକ୍ଷେପ ପାଇଁ ପୂର୍ବରୁ ପଞ୍ଚମ ରାଷ୍ଟ୍ରୀୟ ଜଳ ପୁରସ୍କାରରେ ଓଡ଼ିଶା 'ସର୍ବଶ୍ରେଷ୍ଠ ରାଜ୍ୟ' ଭାବେ ଘୋଷିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବହୁ ପ୍ରତୀକ୍ଷିତ 'କାନୁପୁର ପ୍ରକଳ୍ପ' ବିଷୟରେ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଉଲ୍ଲେଖ କରିଛନ୍ତି। ୨୦୦୩-୦୪ରୁ ଅଟକି ରହିଥିବା ଏହି ପ୍ରକଳ୍ପର ସ୍ଥାନୀୟ ମା' ଶାଳବଣୀ ଇଷ୍ଟଦେବୀଙ୍କ ପୀଠର ସମ୍ମାନଜନକ ସ୍ଥାନାନ୍ତର କରାଯାଇଛି। ଅଗଷ୍ଟ ୩୧ ସୁଦ୍ଧା ଏହି ଡ୍ୟାମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଆସନ୍ତା ବର୍ଷକ ମଧ୍ୟରେ କେନାଲ ନେଟୱାର୍କ ଶେଷ ହୋଇ ୨୫,୦୦୦ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବ।

## ଡିଜିପି ଚୟନ ଶୁଣାଣି ୭କୁ ଘୁଞ୍ଚିଲା



ଭୁବନେଶ୍ୱର, ୨।୯: ସୁପ୍ରିମକୋର୍ଟରେ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ(ଡିଜିପି) ନିଯୁକ୍ତି ସମ୍ପର୍କିତ ମାମଲାର ଶୁଣାଣି ଘୁଞ୍ଚିଲା । ଆସନ୍ତା ୭ ତାରିଖରେ ଶୁଣାଣି କରିବେ ସୁପ୍ରିମକୋର୍ଟ । ମାମଲାରେ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନଙ୍କ ରିପୋର୍ଟ ଦାଖଲ ହୋଇଛି। ତେବେ ଏହି ରିପୋର୍ଟ ଏପର୍ଯ୍ୟନ୍ତ ମାମଲାର ପକ୍ଷମାନଙ୍କ ପାଇଁ ଉପଲବ୍ଧ ହୋଇନଥିଲା। ଏହାକୁ ନେଇ ସଲିସିଟର ଜେନେରାଲ୍ ମେହେଟ୍ଟା ଖଣ୍ଡପୀଠଙ୍କୁ ଅଧିକ ସମୟ ଦେବାକୁ ଅନୁରୋଧ କରିଥିଲେ। ମେହେଟ୍ଟାଙ୍କ ଅନୁରୋଧକୁ ବିଚାର କରି ଖଣ୍ଡପୀଠ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ଆସନ୍ତା ଶୁଣାଣିରେ ଆମିକସ୍ କ୍ୟୁରିଙ୍କ ରିପୋର୍ଟ ଉପରେ ପକ୍ଷମାନଙ୍କ ମତ ଓ ଯୁକ୍ତି ଶୁଣାଯିବାର ସମ୍ଭାବନା ରହିଛି।

### ନେପାଳ ବନ୍ୟା କ୍ଷୟକ୍ଷତିର ପ୍ରାରମ୍ଭିକ ଆକଳନ
## ୭,୫୭୦ ବେସରକାରୀ ଘର ଧ୍ୱଂସ

କାଠମାଣ୍ଡୁ, ୨।୮: ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀରେ ଆସିଥିବା ବିନାଶକାରୀ ବନ୍ୟାରେ ନେପାଳର ପାଂଚଟି ଜିଲ୍ଲାରେ ୭,୫୭୦ଟି ବେସରକାରୀ ଘର କ୍ଷତିଗ୍ରସ୍ତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି। ସହରୀ ବିକାଶ ତଥା ଭବନ ନିର୍ମାଣ ବିଭାଗ ଦ୍ୱାରା ସଂଗ୍ରହ କରାଯାଇଥିବା ବିବରଣୀ ଅନୁସାରେ ରସୁଆ, ନୁୱାକୋଟ, ଧାଦିଙ୍ଗ, ଗୋରଖା ଏବଂ ଚିତୱନରେ ବହୁ ସଂଖ୍ୟକ ବେସରକାରୀ ଘର ବନ୍ୟାର ଶିକାର ହୋଇଛି।ବିଭାଗ ଅନୁସାରେ ୧,୨୫୩ଟି ଘର ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯାଇଛି, ଯେତେବେଳେ ୬,୩୧୭ଟି ଘର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରୁ ଅଧିକାଂଶ ଘରର ସ୍ଥିତି ଏପରି ଯେ ସେଗୁଡ଼ିକୁ ତୁରନ୍ତ ମରାମତି କରି ବାସଯୋଗ୍ୟ କରାଯାଇପାରିବ ନାହିଁ ଏବଂ ସେଗୁଡ଼ିକର ପୁନଃନିର୍ମାଣ କରିବାକୁ ପଡ଼ିବ।ବିଭାଗ ପକ୍ଷରୁ ଜାରି ଆକଳନରେ କୁହାଯାଇଛି ଯେ ବନ୍ୟାରେ ପାଂଚଟି ଜିଲ୍ଲାରେ ୭,୫୭୦ଟି ବେସରକାରୀ ଘର କ୍ଷତିଗ୍ରସ୍ତ ହୋଇଥିବାର ପ୍ରାରମ୍ଭିକ ବିବରଣୀ ମିଳିଛି। ୩୦ ଅରବର ସଡ଼କ ଭିତ୍ତିଭୂମି ଧ୍ୱଂସ ହୋଇଛି।

### ଏଯାବତ୍ ୧୧,୬୮୪ ସାରଦୋକାନରେ ଚଢ଼ାଉ
# ୯୬ ଡିଲରଙ୍କ ଲାଇସେନ୍ସ ବାତିଲ

- ୩୨୧ ଡିଲରଙ୍କ ପାଇଁ ବିକ୍ରି ସାମୟିକ ବନ୍ଦ
- ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ହୁଅନ୍ତୁ ନାହିଁ ଚାଷୀ
- ଅନୁମୋଦିତ ଦୋକାନରୁ ନିର୍ଦ୍ଧାରିତ ମୂଲ୍ୟରେ ସାର କ୍ରୟ କରନ୍ତୁ
- ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ



ଭୁବନେଶ୍ୱର, ୨।୯(ନିପ୍ର): ଚଳିତ ଖରିଫ ୨୦୨୬-୨୭ ଋତୁରେ କୃଷକମାନଙ୍କୁ ସାରର ସୁଗମ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ସାରର କଳାବଜାରୀ ଓ ବେଆଇନ ଚାଲାଣକୁ ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୂନ୍ୟ-ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ସାରର କଳାବଜାରୀ, ମହଜୁଦକରଣ ଏବଂ ନିମ୍ନମାନର ସାର ଯୋଗାଣ ଭଳି ବିଭିନ୍ନ ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ତରରେ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ଯେଉଁଠାରେ କୌଣସି ଅନିୟମିତତା ଚିହ୍ନଟ ହେଉଛି, ସେଠାରେ ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ ଅନୁଯାୟୀତୁରନ୍ତ ପଦକ୍ଷେପ ନିଆଯାଉଛି।ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ୧୧,୬୮୪ଟି ସାରଦୋକାନରେ ଚଢ଼ାଉ କରାଯାଇଛି। ୨,୭୭୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।୩୨୧ ଜଣ ଡିଲରଙ୍କ ସାର ବିକ୍ରିକୁ ସାମୟିକ ଭାବେ ବନ୍ଦ କରାଯାଇଛି। ଏହା ସହିତ, ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ୧୭୦ ଜଣ ଡିଲରଙ୍କ ଲାଇସେନ୍ସ ନିଲମ୍ବିତ କରାଯାଇଥିବା ବେଳେ୯୬ ଜଣ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଏଥିସହିତ, ଅନିୟମିତତାରେ ଲିପ୍ତ ୧୨ ଜଣ ଡିଲରଙ୍କ ମହଜୁଦ ଥିବା ସାରକୁ ଜବତ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଛି।

### ସଂରକ୍ଷଣରେ କ୍ରିମି ଲେୟର
## କେନ୍ଦ୍ରକୁ ମିଳିଲାନି ଆଶ୍ୱସ୍ତି

ନୂଆଦିଲ୍ଲୀ, ୨।୯: ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣରେ କ୍ରିମି ଲେୟର ମାମଲାରେ କେନ୍ଦ୍ର ସରକାରଙ୍କୁ କୌଣସି ଆଶ୍ୱସ୍ତି ଦେବାକୁ ମନା କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାରେ ନିଜର ପୁରୁଣା ଆଦେଶ ଉପରେ ରୋକ ଲଗାଇବାକୁ ମନା କରିଛନ୍ତି। ଜଷ୍ଟିସ ପିଏସ ନରସିଂହାଙ୍କ ଅଧ୍ୟକ୍ଷତାରେ ଥିବା ବେଂଚ ସମସ୍ତ ପକ୍ଷଙ୍କୁ ୧୭ ସେପ୍ଟେମ୍ବର ସୁଦ୍ଧା ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାର କ୍ରିମି ଲେୟର ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ୧୧ ମାର୍ଚ୍ଚର ରାୟକୁ ପୂର୍ବ ତାରିଖରୁ ଲାଗୁ ନକରିବା ଏବଂ ଏହାକୁ ଲାଗୁ କରିବା ପାଇଁ ଦୁଇ ବର୍ଷର ସମୟ ଦେବାକୁ ଦାବି କରିଛନ୍ତି। କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ, ଏହି ରାୟର ପ୍ରଭାବ ସରକାରୀ ଚାକିରି, ସର୍ଭିସ ଏବଂ କ୍ୟାଡର ଆବଣ୍ଟନ, ସିନିୟରିଟି, ଉଚ୍ଚ ଶିକ୍ଷଣ ସଂସ୍ଥାନରେ ନାମଲେଖା ଏବଂ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶ ଉପରେ ପଡ଼ିପାରେ।କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଯାଚିକା ଦାଖଲ କରି କହିଛନ୍ତି ଯେ ୧୧ ମାର୍ଚ୍ଚର ରାୟରେ ସ୍ପଷ୍ଟୀକରଣ ଦିଆଯାଉ କାରଣ ଏହି ରାୟକୁ ଲାଗୁ କରିବାରୁ ବଡ଼ ସ୍ତରରେ ପ୍ରଭାବ ପଡ଼ିପାରେ।

# କମିଲା 'ପିୟୁସିସି' ଜରିମାନା ରାଶି

- ● ବାଇକ୍ ଏବଂ ତିନି ଚକିଆ ଗାଡ଼ି ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ୧ହଜାର ଟଙ୍କା ଜରିମାନା
- ● ଟ୍ରାକ୍ଟର କିମ୍ବା ଟ୍ରେଲର କ୍ଷେତ୍ରରେ ୨ ହଜାର ଟଙ୍କା ● ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ଏନଫୋର୍ସମେଣ୍ଟର ରହିଛି ଆବଶ୍ୟକତା
- ● ପିୟୁସିସି ଠାରୁ ଗାଡ଼ିର ବୀମା ପର୍ଯ୍ୟନ୍ତ ସମସ୍ତ କାଗଜପତ୍ର ଅପ୍-ଟୁ-ଡେଟ୍ ରଖନ୍ତୁ




ଭୁବନେଶ୍ୱର, ୨।୯(ନିପ୍ର): ପିୟୁସିସି ଜରିମାନା ରାଶି ହ୍ରାସ କରିଛନ୍ତି ରାଜ୍ୟ ସରକାର । ଏନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ସରକାର ସର୍ବଦା ମୋଟରଯାନ ଆଇନର ପ୍ରୟୋଗ କ୍ଷେତ୍ରରେ ଏକ ସନ୍ତୁଳିତ ଏବଂ ନାଗରିକ-କେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିଆସିଛନ୍ତି । ଲୋକଙ୍କ ସରକାର ପିୟୁସିସି ଜରିମାନା ରାଶି ହ୍ରାସ ପାଇଁ ନିଷ୍ପତ୍ତି ନେଇଛନ୍ତି । ପୂର୍ବ ସରକାର ବେଳେ ଏହା ଦଶ ହଜାର ଟଙ୍କା ଥିବା ବେଳେ ଏହାକୁ ଆମ ସରକାର ଏହାକୁ ୬ ହଜାର ଟଙ୍କାକୁ ହ୍ରାସ କରିଦେଇଛନ୍ତି । ନୂତନ ସଂଶୋଧନ ଅନୁଯାୟୀ, ମୋଟରସାଇକେଲ କିମ୍ବା ବାଇକ୍ ଏବଂ ତିନି ଚକିଆ ଗାଡ଼ି (ଯାତ୍ରୀବାହୀ/ମାଲ ପରିବହନ) ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ୧,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟରେ ନିୟମ ଉଲ୍ଲଙ୍ଘନ କଲେ ୨,୦୦୦ ଜରିମାନା ଦେବାକୁ ପଡ଼ିବ। ସେହିପରି ମୋଟର କ୍ୟାବ୍ ଏବଂ ମୋଟର କାର୍ କିମ୍ବା ଜିପ୍ ପାଇଁ ପ୍ରଥମ ଥର ୨,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟ ନିୟମ ଉଲ୍ଲଙ୍ଘନ ପାଇଁ୫,୦୦୦ ଜରିମାନା ଧାର୍ଯ୍ୟ ହୋଇଛି। ଟ୍ରାକ୍ଟର କିମ୍ବା ଟ୍ରେଲର କ୍ଷେତ୍ରରେ ଏହି ଜରିମାନା ପ୍ରଥମ ଥର ପାଇଁ ୨,୦୦୦ ଏବଂଦ୍ୱିତୀୟ ବା ପରବର୍ତ୍ତୀ ସମୟ ପାଇଁ ୫,୦୦୦ । ଏହା ବ୍ୟତୀତ, ଏହି ସମସ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇନଥିବା ପରିବହନ ଗାଡ଼ି ଏବଂ ଅନ୍ୟାନ୍ୟ ସମସ୍ତ ଯାନ ପାଇଁ ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ ୩,୦୦୦ ଏବଂଦ୍ୱିତୀୟ କିମ୍ବା ପରବର୍ତ୍ତୀ ସମୟ ପାଇଁ୬,୦୦୦ ଜରିମାନା ଦେବାକୁ ହେବ। ଆଶା କରାଯାଉଛି ଯେ, ମୋଟରଯାନଆଇନ୍ ଅନୁଯାୟୀ ଏବେ ସମସ୍ତେ ସଡ଼କ ସୁରକ୍ଷା ନିୟମ ପାଳନ କରିବେ ଏବଂ ପ୍ରଦୂଷଣ ପ୍ରମାଣପତ୍ର ଠାରୁ ଆରମ୍ଭ କରି ଗାଡ଼ିର ବୀମା ପର୍ଯ୍ୟନ୍ତ ସମସ୍ତ କାଗଜପତ୍ର ଅପ୍-ଟୁ-ଡେଟ(ସଦ୍ୟତନ) ରଖିବେ। ପୂର୍ବରୁ ଜନସାଧାରଣଙ୍କ ଅନୁରୋଧକ୍ରମେ ଆବଶ୍ୟକ କାଗଜପତ୍ର ଯାଞ୍ଚ ପ୍ରକ୍ରିୟାକୁ କିଛିଦିନ ପାଇଁ କୋହଳ କରାଯାଇଥିଲା। ସରକାରୀ ଘୋଷଣାଅନୁଯାୟୀ ଏହି କୋହଳ ଅବଧି ଏପ୍ରିଲ୍ ୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ଥିଲା। ଏପରିକି ତା' ପରଠାରୁ ମଧ୍ୟଏହି ଦୁଇଟି ବିଷୟ (ପ୍ରଦୂଷଣ ଓ ବୀମା) ଉପରେ ଏନଫୋର୍ସମେଣ୍ଟ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯାଇନଥିଲା। ମୋଟର ଯାନ ଆଇନ ଅନୁଯାୟୀ ସମସ୍ତ କାଗଜପତ୍ର ଅପଡେଟ୍ କରିବା ଏକ ବାଧ୍ୟତାମୂଳକ ବ୍ୟବସ୍ଥା, ଏହାଆଇନର ପରିସରଭୁକ୍ତ। ଏହାସତ୍ତ୍ୱେ, ଯେଉଁମାନେ ଉଦ୍ଦେଶ୍ୟ ମୂଳକ ଭାବେ ନିୟମ ଉଲ୍ଲଂଘନ କରୁଛନ୍ତି, ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ବିରୋଧରେ ବ୍ୟାପକ ଏନଫୋର୍ସମେଣ୍ଟର ଆବଶ୍ୟକତା ରହିଛି। ମୋଟର୍ ଯାନ ଆଇନର ସଠିକ୍ ଅନୁପାଳନକୁ ସୁନିଶ୍ଚିତ କରିବାପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ବ୍ୟାପକ ଏନଫୋର୍ସମେଣ୍ଟ ବା ଯାଞ୍ଚପ୍ରକ୍ରିୟା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଉଛି। ଏହାସହ ଇ-ଡିଟେକ୍ସନ ଜରିଆରେ ମଧ୍ୟପୂର୍ବଭଳି ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ମୋଟରଯାନ ଆଇନ ଅନୁଯାୟୀକାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


### ଓଟିଇଟି ଫଳ ପ୍ରକାଶିତ
## ପାସ୍ ହାର ୬୪.୪୮ ପ୍ରତିଶତ

କଟକ, ୨।୯(ନିପ୍ର) : ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି । ପାସ ହାର ୬୪. ୪୮ ରହିଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ପେପର- ୧ ପାଇଁ ୨୮ ହଜାର ୮୨୧ ଜଣ ଫର୍ମ ପୂରଣ କରିଥିବା ବେଳେ ୩୮୩୦ ଜଣ ଅନୁପସ୍ଥିତ ରହିଥିଲେ । ପରୀକ୍ଷା ଦେଇଥିବା ୨୪ ହଜାର ୯୯୧ ଜଣଙ୍କ ମଧ୍ୟରୁ ୧୭ ହଜାର ୬୫ ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ପାସ ହାର ୬୮. ୨୮ ପ୍ରତିଶତ ରହିଛି । ସେହିପରି ପେପର -୨ ପାଇଁ ୬୮ ହଜାର ୩୩୦ ଜଣ ଫର୍ମ ପୂରଣ କରି ୮ ହଜାର ୫୯୦ ଜଣ ଅନୁପସ୍ଥିତ ଥିଲେ । ପରୀକ୍ଷା ଦେଇଥିବା ୫୯ ହଜାର ୭୪୦ ଜଣଙ୍କ ମଧ୍ୟରୁ ୩୬ ହଜାର ୨୪୯ ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ପାସ ହାର ୬୦. ୬୮ ରହିଛି । ଏହିପରି ମୋଟ ୯୭ ହଜାର ୧୫୧ ଜଣ ଫର୍ମ ପୂରଣ କରି ୧୨ ହଜାର ୪୨୦ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ମୋଟ ୮୪ ହଜାର ୭୩୧ ଜଣଙ୍କ ମଧ୍ୟରୁ ୫୩ ହଜାର ୩୧୪ ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ପାସ ହାର ୬୪. ୪୮ ରହିଛି ।

# କାହିଁକି ୩ ଥର କୁହାଯାଏ ଶାନ୍ତି

*ଓଁ ଅସତୋ ମା*
*ସଦ୍ଗମୟ*
*ତମସୋ ମା*
*ଜ୍ୟୋତିର୍ଗମୟ*
*ମୃତ୍ୟୋର୍ମା ଅମୃତଂ*
*ଗମୟ*
*ଓଁ ଶାନ୍ତିଃ ଶାନ୍ତିଃ*
*ଶାନ୍ତିଃ*









ବୃହଦାରଣ୍ୟକ ଉପନିଷଦର ଏହି ପବିତ୍ର ମନ୍ତ୍ର ଅତ୍ୟନ୍ତ ପ୍ରଭାବଶାଳୀ । ଏହାର ଭାବାର୍ଥ ଉପାଦେୟ ତଥା ସୁନ୍ଦର । ଏହାର ଅର୍ଥ ହେଲା " ହେ ଈଶ୍ୱର ! ମୋତେ ମିଥ୍ୟାରୁ ସତ୍ୟ ଆଡ଼କୁ , ଅଜ୍ଞାନ ଅନ୍ଧକାରରୁ ଜ୍ଞାନର ଆଲୋକ ଆଡକୁ ଏବଂ ମୃତ୍ୟୁର ଭୟରୁ ମୁକ୍ତି ଦେଇ ଅମରତ୍ୱ ଆଡକୁ ନିଅନ୍ତୁ ।' ତେବେ ଏହି ମନ୍ତ୍ରର ଶେଷରେ ଓଁ ଶାନ୍ତି,ଶାନ୍ତି,ଶାନ୍ତି ତିନିଥର ଉଚ୍ଚାରଣ କରାଯିବାର ଉଦ୍ଦେଶ୍ୟ କ'ଣ ହୋଇପାରେ ? କେବଳ ଏହି ମନ୍ତ୍ର ନୁହେଁ, କୌଣସି ପୂଜାର୍ଚ୍ଚନା ଶେଷରେ, ବୈଦିକ ମନ୍ତ୍ରୋଚ୍ଚାରଣ ପରେ ତିନିଥର ଶାନ୍ତି ଉଚ୍ଚାରଣ ମଧ୍ୟ କରାଯାଇଥାଏ । ଆମ ଶାସ୍ତ୍ରରେ ଉଲ୍ଲେଖ ଯେକୌଣସି ନିୟମ ପଛରେ ଗୂଢ଼ ଯୁକ୍ତିଯୁକ୍ତ କାରଣ ରହିଛି । ବେଦାନ୍ତ ତଥା ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ ମନୁଷ୍ୟ ଜୀବନରେ ତିନିପ୍ରକାରର ଦୁଃଖ ରହିଛି । ଏହି ତିନିପ୍ରକାର ଦୁଃଖରୁ ମୁକ୍ତି ପାଇବା ଲକ୍ଷ୍ୟରେ ତିନିଥର ଶାନ୍ତି କୁହାଯାଇଥାଏ ।

**ପ୍ରଥମ ଶାନ୍ତି:** ନିଜ ମନ ମଧ୍ୟରେ ଭୟ, କ୍ରୋଧ,ଈର୍ଷା,ଲୋଭ,-ହିଂସା,ଶାରୀରିକ ରୋଗ ଜନିତ କଷ୍ଟରୁ ଅଶାନ୍ତି ଉତ୍ପନ୍ନ ହୋଇଥାଏ । ଯେତେବେଳେ ଆମେ ପ୍ରଥମ ଶାନ୍ତି ଉଚ୍ଚାରଣ କରୁ ତାହା ନିଜ ମଧ୍ୟରେ ଆଶାନ୍ତି ଦୂର ସହ ଶାନ୍ତି ସ୍ଥାପନା ଲାଗି ଈଶ୍ୱରଙ୍କୁ ପ୍ରାର୍ଥନା କରିଥାଉ ।

**ଦ୍ୱିତୀୟ ଶାନ୍ତି:** ଦ୍ୱିତୀୟ ପ୍ରକାରର ଅଶାନ୍ତି ଆମ ଆଖପାଖ ପରିବେଶ ତଥା ପରିସ୍ଥିତିରୁ ଜନ୍ମ ନେଇଥାଏ । ଯେପରି କୌଣସି ଶତ୍ରୁ,ହିଂସ୍ର ଜନ୍ତୁ ଅବା କୌଣସି ଅନ୍ୟ ମନୁଷ୍ୟ ଠାରୁ ମିଳୁଥିବା ଦୁଃଖ, ଯନ୍ତ୍ରଣାରୁ ଅଶାନ୍ତି । ଦ୍ୱିତୀୟ ଥର ଶାନ୍ତି କହିବା ଅର୍ଥ ଆମ ଚାରିପାଖର ପରିବେଶ ଶାନ୍ତ ରହୁ ବୋଲି କାମନା କରିବା ।

**ତୃତୀୟ ଶାନ୍ତି:** ତୃତୀୟ ଥର ଆମେ ଯେତେବେଳେ ଶାନ୍ତି ଉଚ୍ଚାରଣ କରୁ ତାହା ଧିମା ସ୍ୱରରେ ଉଚ୍ଚାରଣ କରାଯାଇଥାଏ । ଦୈବୀ ପ୍ରକୋପ,ପ୍ରାକୃତିକ ଦୁର୍ବିପାକ ଇତ୍ୟାଦି ଉପରେ ମଣିଷର ଆଦୌ ନିୟନ୍ତ୍ରଣ ନଥାଏ । ଆମେ ତୃତୀୟ ଥର ଶାନ୍ତି କହି ଆମେ ବ୍ରହ୍ମାଣ୍ଡ ଏବଂ ଅଦୃଶ୍ୟ ଶକ୍ତିମାନଙ୍କୁ ପ୍ରାର୍ଥନା କରୁଶାନ୍ତି ରକ୍ଷା ବା ସନ୍ତୁଳନ ରକ୍ଷା ଲାଗି । ଏହିପରି ତିନିପ୍ରକାରର ଶାନ୍ତି କହିବା କେବଳ ଏକ ପରମ୍ପରା ନୁହେଁ ଏହା ବ୍ୟକ୍ତି,ସମାଜ ତଥା ପୁରା ପ୍ରକୃତି ମଧ୍ୟରେ ଶାନ୍ତି,ସମନ୍ୱୟ ସ୍ଥାପନ ଲାଗି ଏକ ବିଶେଷ ପ୍ରୟୋଗ ଅଟେ ।

# କୃଷ୍ଣ ଶରୀର ନୁହେଁ, ଦର୍ଶନ ଅଟନ୍ତି



ଜନ୍ମାଷ୍ଟମୀ କେବଳ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମବାର୍ଷିକୀ ନୁହେଁ, ବରଂ ସେହି ଚେତନାର ପ୍ରକାଶନ । ଯାହା ମାନବ ଜାତିକୁ ଅନ୍ଧାରରୁ ଆଲୋକକୁ, ଆସକ୍ତିରୁ ଜ୍ଞାନକୁ ଓ ସ୍ୱାର୍ଥପରତାରୁ ସତ୍ୟକୁ ନେଇଯାଏ । କୃଷ୍ଣଙ୍କ କାରାଗାରରେ ଜନ୍ମ ମଧ୍ୟ ଗଭୀର ପ୍ରତୀକାତ୍ମକତା ଭାବକୁ ବହନ କରେ । ଯେତେବେଳେ ମାନବ ବିବେକ ଭୟ, ଆସକ୍ତି, ଲୋଭ, ଅହଂକାର ଓ ସ୍ୱାର୍ଥପରତାର ଶିକୁଳିରେ ବନ୍ଦୀ ହୋଇଯାଏ, ସେତେବେଳେ ଭିତରେ କୃଷ୍ଣ ଚେତନାର ଜନ୍ମ ଅପରିହାର୍ଯ୍ୟ ହୋଇଯାଏ । କୃଷ୍ଣଙ୍କୁ କେବଳ ଏକ ଐତିହାସିକ ବ୍ୟକ୍ତିତ୍ୱ, ଜଣେ ରାଜା, ଜଣେ କୂଟନୀତିଜ୍ଞ କିମ୍ବା ଜଣେ ଦେବତା ଭାବରେ ଦେଖିବା ଅର୍ଥ ତାଙ୍କ ବିଶାଳ ରୂପକୁ ଅଣଦେଖା କରିବା । କୃଷ୍ଣ ପରମ ଚେତନାର ପ୍ରତୀକ ଅଟନ୍ତି । ଯାହା ଜୀବନର ପ୍ରତ୍ୟେକ ସଂଘର୍ଷରେ ମାନବଜାତିକୁ ମାର୍ଗଦର୍ଶନ କରେ । ଏହି ସୂକ୍ଷ୍ମ ଦୃଷ୍ଟିକୋଣରୁ, ମହାଭାରତ କେବଳ କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଏକ ଯୁଦ୍ଧ ନୁହେଁ, ବରଂ ମାନବଜାତି ଭିତରେ ଧାର୍ମିକତା ଓ ଅଧର୍ମ, ବିଚକ୍ଷଣତା, ଅଜ୍ଞତା, ସତ୍ୟ ଓ ଭୁଲ ମଧ୍ୟରେ ଏକ ଯୁଦ୍ଧ । ଏଥିରେ ଆସକ୍ତିର ସଂଘର୍ଷର ଏକ ମହାନ କାହାଣୀ ମଧ୍ୟ ଅଛି । ଯଦି ମହାଭାରତକୁ ବିଶ୍ୱର ଦର୍ପଣ ଭାବରେ ବିବେଚନା କରାଯାଏ, ତେବେ ଏଥିରେ ଚିତ୍ରିତ କୁରୁକ୍ଷେତ୍ର ପ୍ରକୃତରେ ଆମ ଜୀବନ । ଧୃତରାଷ୍ଟ୍ରଙ୍କ ଅନ୍ଧତ୍ୱ କେବଳ ଆଖିର ଅନ୍ଧତ୍ୱ ନୁହେଁ; ଏହା ତାଙ୍କ ପୁତ୍ର ପ୍ରତି ତାଙ୍କର ଅନାବିଳ ପ୍ରେମ ଓ ଶକ୍ତି ପ୍ରତି ତାଙ୍କର ଆବେଗକୁ ପ୍ରତୀକ କରେ । ଦୁର୍ଯୋଧନର ଅହଂକାର ଓ କର୍ତ୍ତୃତ୍ୱ ପାଇଁ ଏକ ଅନ୍ଧ ଭୋକକୁ ପ୍ରତିନିଧିତ୍ୱ କରେ । ଶକୁନି ଛଳନା ଓ ଷଡ଼ଯନ୍ତ୍ରର ପ୍ରତୀକ । ଅର୍ଜୁନ କ'ଣ ? ଅର୍ଜୁନ ନିଜେ ବିଶ୍ୱ । ସେ ଶକ୍ତିଶାଳୀ, ତଥାପି ସନ୍ଦେହୀ । ତାଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଅଛି, କିନ୍ତୁ ନିଷ୍ପତ୍ତି ନେବାର ସାହସର ଅଭାବ ଅଛି । ସେ ନିଜର କର୍ତ୍ତବ୍ୟ ଜାଣନ୍ତି, କିନ୍ତୁ ଆସକ୍ତି ତାଙ୍କୁ ବାଧା ଦିଏ । ଅର୍ଜୁନ, ନିଜ ସମ୍ପର୍କ, ଭାବନା ଓ ଭୟ ମଧ୍ୟରେ ଠିଆ ହୋଇ ସାଧାରଣ ମଣିଷର ପ୍ରତୀକ । ଯିଏ ଜୀବନର ଏକ କଷ୍ଟକର ମୁହୂର୍ତ୍ତରେ ଅସହାୟ ପରି ପଚାରନ୍ତି: ମୁଁ କ'ଣ କରିବା ଉଚିତ ? ମୁଁ କାହାକୁ ଠିକ୍ ବୋଲି ବିଚାର କରିବା ଉଚିତ୍ ମୋର ଧର୍ମ କ'ଣ ? ତା'ପରେ କୃଷ୍ଣ ତାଙ୍କ ସମ୍ମୁଖରେ ଉଭା ହୁଅନ୍ତି । କୃଷ୍ଣ ହେଉଛନ୍ତି ସାରଥି, ମାର୍ଗଦର୍ଶକ । ସେ ଅର୍ଜୁନଙ୍କ ଜୀବନକୁ ନିଜ ହାତରେ ନିଅନ୍ତି ନାହିଁ, ବରଂ ଏହାକୁ ଦିଗଦର୍ଶନ ଦିଅନ୍ତି । ଏହା ହେଉଛି କୃଷ୍ଣଙ୍କର ସର୍ବୋତ୍ତମ ଆଧାତ୍ମିକ ବାର୍ତ୍ତା ?। ଈଶ୍ୱର ଜଣେ ବ୍ୟକ୍ତିର ଯାତ୍ରାକୁ ନିଜ ହାତରେ ନିଅନ୍ତି ନାହିଁ; ସେ ସେମାନଙ୍କୁ ସଠିକ୍ ଦିଗରେ ଆଗେଇ ଆସିବା ପାଇଁ ଜ୍ଞାନ ଦିଅନ୍ତି । କୁରୁକ୍ଷେତ୍ରରେ କୃଷ୍ଣଙ୍କର ସର୍ବୋତ୍ତମ ଚମତ୍କାର ଅସ୍ତ୍ର ଫୁଟାଇବା ନୁହେଁ, ବରଂ ଅର୍ଜୁନଙ୍କ ଭିତରେ ସୁପ୍ତ ଜ୍ଞାନକୁ ଜାଗ୍ରତ କରିବା । ଅର୍ଜୁନ ଯୁଦ୍ଧକ୍ଷେତ୍ରରୁ ପଳାଇବାକୁ ଚାହାଁନ୍ତି ?। କୃଷ୍ଣ ତାଙ୍କୁ ଯୁଦ୍ଧ କରିବାକୁ ଉସୁକାଇ ନାହାଁନ୍ତି, ବରଂ କର୍ମ, ଆତ୍ମା, କର୍ତ୍ତବ୍ୟ, ଆସକ୍ତି, ଜ୍ଞାନ ଓ ନିଃସ୍ୱାର୍ଥପରତାର ଅର୍ଥ ବୁଝାନ୍ତି । ଗୀତା ଏହି ସଂଳାପର ପ୍ରତୀକ । ତେଣୁ, ଗୀତାକୁ କେବଳ ଯୁଦ୍ଧ ଉପରେ ଏକ ଉପଦେଶ ଦେବାର ଅର୍ଥ ହେଉଛି ଏହାର ବାର୍ତ୍ତାକୁ ସଂକୀର୍ଣ୍ଣ କରିବା । ଗୀତା ପ୍ରକୃତରେ ମଣିଷ ଭିତରେ ଥିବା ଅନ୍ଧକାର ସହିତ ଏକ ସଂଳାପ । କୃଷ୍ଣ ଆମକୁ ଆତ୍ମାର ଅମରତ୍ୱ ଶିକ୍ଷା ଦିଅନ୍ତି । ସେ କର୍ମର ଗୁରୁତ୍ୱ ବୁଝାନ୍ତି, କିନ୍ତୁ ଆମକୁ କର୍ମଫଳ ପ୍ରତି ଆସକ୍ତିରୁ ମୁକ୍ତ କରିବାକୁ ମଧ୍ୟ ପ୍ରେରଣା ଦିଅନ୍ତି । ସେ ଆମକୁ ଜ୍ଞାନର ପଥ, ଭକ୍ତିର ପଥ ଦେଖାନ୍ତି ଓ ଶେଷରେ ଆମକୁ ନିଜ ବିବେକ ଉପରେ ଆଧାରିତ ନିଷ୍ପତ୍ତି ନେବାର ସ୍ୱାଧୀନତା ଦିଅନ୍ତି । ତେଣୁ, ଗୀତା କେବଳ ଅର୍ଜୁନଙ୍କ ପାଇଁ ନଥିଲା । ବରଂ ଅର୍ଜୁନଙ୍କ ମାଧ୍ୟମରେ, କୃଷ୍ଣ ଜଗତର ଆତ୍ମାକୁ ଜାଗ୍ରତ କରୁଥିଲେ । ମହାଭାରତ ମଧ୍ୟ ଏହି ସତ୍ୟକୁ ଇଙ୍ଗିତ କରେ । ଏହା କେବଳ ଏକ ଯୁଦ୍ଧ ନୁହେଁ, ବରଂ ସାଂସାରିକ ଦୁରାଚାରର ଚରମ ପରିଣାମର ପ୍ରତୀକ । ଯେଉଁଠାରେ ଲୋଭ ପ୍ରାଧାନ୍ୟ ଧାରଣ କରେ, ସେଠାରେ ସଂଘର୍ଷ ଥାଏ । ଯେଉଁଠାରେ ଅହଂକାର ପ୍ରାଧାନ୍ୟ ଧାରଣ କରେ, ସେଠାରେ ବିନାଶ ଥାଏ । ଯେଉଁଠାରେ ଆସକ୍ତି ବିବେକକୁ ପ୍ରାଧାନ୍ୟ ଧାରଣ କରେ, ସେଠାରେ ନିଷ୍ପତ୍ତି କଳୁଷିତ ହୁଏ । ଯେଉଁଠାରେ ଶକ୍ତି ଧାର୍ମିକତା ଅପେକ୍ଷା ମହାନ ହୋଇଯାଏ, ସେଠାରେ କୁରୁକ୍ଷେତ୍ରର ଜନ୍ମ ହୁଏ । ମହାଭାରତ ଘଟିଥିଲା କାରଣ ମାନବଜାତି ଭିତରେ ଥିବା ବିକାର ସାମାଜିକ ଓ ରାଜନୈତିକ ବ୍ୟବସ୍ଥାକୁ କବଳିତ କରିଦେଇଥିଲା । ଜୁଆ, ଛଳନା, ଅପମାନ, କର୍ତ୍ତୃତ୍ୱର ଇଚ୍ଛା, ପ୍ରତିଶୋଧ ଓ କ୍ଷମତାର ଲୋଭ ଏକ ଦ୍ୱନ୍ଦ୍ୱକୁ ଜନ୍ମ ଦେଇଥିଲା ।ଯାହା ଶେଷରେ ସମଗ୍ର ସମାଜକୁ ଗ୍ରାସ କରିଥିଲା । ଆଜି ପ୍ରଶ୍ନ ଏହା ନୁହେଁ ଯେ କୁରୁକ୍ଷେତ୍ର କେଉଁଠି ଥିଲା । ପ୍ରଶ୍ନ ହେଉଛି, ଆମର କୁରୁକ୍ଷେତ୍ର କେଉଁଠି ? ଆଜି ମଧ୍ୟ, ମାନବଜାତି ସମାନ ଅର୍ଜୁନ ପରି ପ୍ରଶ୍ନର ସମ୍ମୁଖୀନ ହୁଏ । ପରିବାରରେ, ସମ୍ପର୍କ ଓ ସ୍ୱାର୍ଥ ମଧ୍ୟରେ ଦ୍ୱନ୍ଦ୍ୱ ଅଛି। ରାଜନୀତିରେ, କ୍ଷମତା ଏବଂ ସେବା ମଧ୍ୟରେ ଦ୍ୱନ୍ଦ୍ୱ ଅଛି । ବ୍ୟବସାୟରେ, ଲାଭ ଓ ନୈତିକତା ମଧ୍ୟରେ ଦ୍ୱନ୍ଦ୍ୱ ଅଛି । ଡିଜିଟାଲ ଦୁନିଆରେ, ସୂଚନା ଓ ଭ୍ରମ ମଧ୍ୟରେ ଦ୍ୱନ୍ଦ୍ୱ ଅଛି । ମାନବଜାତି ଭିତରେ, ସୁଖର ଇଚ୍ଛା ଓ ମାନସିକ ଅଶାନ୍ତି ମଧ୍ୟରେ ଦ୍ୱନ୍ଦ୍ୱ ଅଛି । ଏପରି ପରିସ୍ଥିତିରେ, କୃଷ୍ଣଙ୍କ ଆବଶ୍ୟକତା ପୂର୍ବ ଅପେକ୍ଷା ଅଧିକ ରହିଛି । ବାହାରେ କୃଷ୍ଣଙ୍କୁ ଖୋଜିବା ପୂର୍ବରୁ, ଆମକୁ ତାଙ୍କୁ ନିଜ ଭିତରେ ଖୋଜିବାକୁ ପଡିବ । ତେଣୁ ଜନ୍ମାଷ୍ଟମୀର ପ୍ରକୃତ ଅର୍ଥ ହେଉଛି ଆମେ ଆମ ଭିତରେ କୃଷ୍ଣଙ୍କ ଜନ୍ମକୁ ପାଳନ କରୁ, ଯିଏ ଆମ ନିଷ୍ପତ୍ତିର ସାରଥି ହୋଇଯାଆନ୍ତି । ଯେତେବେଳେ ଆମର ଅହଂକାର ଆମକୁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ ଭାବିବାକୁ ଆରମ୍ଭ କରେ, ଓ ଆମର ବିବେକ ଆମକୁ ନମ୍ରତା ଆଡ଼କୁ ନେଇଯାଏ – ତାହା ହେଉଛି କୃଷ୍ଣ । ଯେତେବେଳେ ନିରାଶା ଆମକୁ କାର୍ଯ୍ୟରୁ ବିଚଳିତ କରେ, ଓ ଭିତରେ ଥିବା ଏକ ଶକ୍ତି ଆମକୁ ଆମର କର୍ତ୍ତବ୍ୟ ପାଳନ କରିବାକୁ କୁହେ – ତାହା ହେଉଛି କୃଷ୍ଣ । କୃଷ୍ଣ କେବଳ ମଥୁରାରେ ଜନ୍ମିତ ଏକ ଶରୀର ନୁହନ୍ତି , ସେ ଏକ ଚେତନା, ଏକ ଦୃଷ୍ଟି, ଏକ ଜ୍ଞାନ, ଆତ୍ମାର ସ୍ୱର , ଯାହା କେବଳ ମାନବଜାତିକୁ ତା'ର ସର୍ବୋଚ୍ଚ ମଙ୍ଗଳ ପାଇଁ ମାର୍ଗଦର୍ଶନ କରେ । ଅତଏବ କୃଷ୍ଣଙ୍କ ଜନ୍ମ ପ୍ରତ୍ୟେକ ମନରେ ଆବଶ୍ୟକ ଯେଉଁଠାରେ ଅନ୍ଧକାର ଅଛି । ପ୍ରତ୍ୟେକ ଜୀବନରେ କୃଷ୍ଣଙ୍କ ଆବଶ୍ୟକ ଯେଉଁଠାରେ ଆସକ୍ତି ଅଛି । ପ୍ରତ୍ୟେକ ସମାଜରେ କୃଷ୍ଣ-ଚେତନା ଅପରିହାର୍ଯ୍ୟ ଯେଉଁଠାରେ ଅନ୍ୟାୟ ଅଛି । କୃଷ୍ଣଙ୍କ ପ୍ରକୃତ ଜନ୍ମ ସେତେବେଳେ ହେବ ଯେତେବେଳେ ଆମ ଭିତରେ ଥିବା ଅର୍ଜୁନ ଜାଗ୍ରତ ହେବେ । ଆସକ୍ତିରୁ ଉର୍ଦ୍ଧ୍ୱକୁ ଉଠିବେ, ଓ ତାଙ୍କ ଆତ୍ମାର ସ୍ୱର ଶୁଣି ସଦ୍ କର୍ମ ପଥରେ ଆରମ୍ଭ କରିବେ ...!!!

ଡକ୍ଟର ଲକ୍ଷ୍ମଣ ସାହୁ
ମୋ- ୯୦୪୦ ୧୫୧୪୭୫

# କୁନ୍ତୀ, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ମୃତ୍ୟୁ ରହସ୍ୟ



**ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ।**

ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିର। ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତୀଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧିଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବ ଏବଂ ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଙ୍ଗଲ ଯାତ୍ରା ବାହାରିଲେ। ଏହି ସମୟରେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ୍ୟ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ । ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା। ଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲା। ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡ଼ା ଦୌଡ଼ି କଲେ। ନିଜ ଜୀବନ ବଞ୍ଚାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ୍ୟ ଦୌଡ଼ିବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା । ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର , ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ।



# ମହାନ ପିତାଙ୍କ ମହାନ ପୁତ୍ର

ବ୍ରହ୍ମାଙ୍କ ପୁତ୍ର ଭୃଗୁ ନିଜ ତପଶକ୍ତି ବଳରେ ମହାନ ଋଷି ଦଧିଚିଙ୍କୁ ପ୍ରକଟ କରିଥିଲେ । ଋଷି ଦଧିଚି ପ୍ରକଟ ହେବା ମାତ୍ରେ କଠୋର ତପସ୍ୟା ଆରମ୍ଭ କରିଦେଲେ । ତାଙ୍କ ତପସ୍ୟାରେ ବ୍ୟତିବ୍ୟସ୍ତ ହୋଇ ଦେବରାଜ ଇନ୍ଦ୍ର ମହର୍ଷିଙ୍କୁ ପୁଷ୍ପ ଅର୍ପଣ କରି ପ୍ରଲୋଭିତ କରିବା ଲାଗି ପ୍ରୟାସ କରିଥିଲେ । ମାତ୍ର ଏଥିରେ ଇନ୍ଦ୍ର ବିଫଳ ହେଲେ । ଏହାପରେ ଦେବରାଜ 'ଅଳମ୍ବୁଜା' ନାମ୍ନୀ ଅପ୍ସରାଙ୍କୁ ମହର୍ଷି ଦଧିଚିଙ୍କ ତପସ୍ୟା ଭଙ୍ଗ କରିବା ନିମନ୍ତେ ପଠାଇଲେ । ଦଧିଚି ସରସ୍ୱତୀ ନଦୀରେ ତର୍ପଣ କରୁଥିବା ସମୟରେ 'ଅଳମ୍ବୁଜା'ଙ୍କୁ ଦେଖିଲେ । ତାଙ୍କର ରୂପ ଲାବଣ୍ୟରେ ଦଧିଚି ମୋହିତ ହୋଇପଡ଼ିଲେ । ଏହି ଘଟଣାକ୍ରମର ସାକ୍ଷୀ ଥିଲେ ସରସ୍ୱତୀ ନଦୀ । ସେ ଋଷିଙ୍କ ଅଂଶକୁ ନିଜ ଗର୍ଭରେ ଧାରଣ କଲେ । ଶେଷରେ ତାଙ୍କର 'ସାରସ୍ୱତ' ନାମରେ ପୁତ୍ର ଜାତ ହେଲା । ପୁତ୍ର ବଡ଼ ହେବା ପରେ ଦିନେ ସରସ୍ୱତୀ ଯାଇ ମହର୍ଷି ଦଧିଚିଙ୍କୁ ଭେଟି ସବୁ ସତକଥା କହିଲେ । ଋଷି ନିଜ ପୁତ୍ରକୁ କୋଳରେ ଧରିଲେ । ତାଙ୍କର ଏହି ପୁତ୍ର ଦିନେ ସଂସାର କଲ୍ୟାଣରେ ମହାନ ଯୋଗଦାନ ଦେବ ବୋଲି ମହର୍ଷି ବରଦାନ ଦେଲେ । କିଛିଦିନ ପରେ ଦେବତା ଏବଂ ଅସୁରଙ୍କ ମଧ୍ୟରେ ଭୟାନକ ଯୁଦ୍ଧ ଆରମ୍ଭ ହେଲା । ଦୁଷ୍ଟଙ୍କ ସଂହାର ପାଇଁ ଦେବରାଜ ଇନ୍ଦ୍ରଙ୍କୁ ଏକ ଶକ୍ତିଶାଳୀ ଅସ୍ତ୍ରର ଆବଶ୍ୟକତା ପଡ଼ିଲା । ତ୍ରିଦେବ କହିଲେ, କେବଳ ଋଷି ଦଧିଚିଙ୍କ ଅସ୍ଥିରେ ହିଁ ଏଭଳି ଶକ୍ତିଶାଳୀ ଅସ୍ତ୍ର ନିର୍ମାଣ କରାଯାଇପାରିବ । ଦେବରାଜ ତତ୍କ୍ଷଣାତ୍ ମହର୍ଷି ଦଧିଚିଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ସବୁକଥା କହିଲେ । ତାଙ୍କ ତପସ୍ୟା ଭଙ୍ଗ କରିବାକୁ ଚେଷ୍ଟା କରିଥିବା ଜାଣି ମଧ୍ୟ ଉଦାର ହୃଦୟରେ ଅତି ପ୍ରସନ୍ନତାପୂର୍ବକ ମହର୍ଷି ଜଗତକଲ୍ୟାଣ ନିମନ୍ତେ ନିଜର ଅସ୍ଥି ଦେବରାଜ ଇନ୍ଦ୍ରଙ୍କୁ ଦେବା ଲାଗି ପ୍ରସ୍ତୁତ ହୋଇଗଲେ । ଏହାପରେ ସେ ଶରୀର ତ୍ୟାଗ କରି ପରମାତ୍ମାଙ୍କ ଠାରେ ଲୀନ ହୋଇଗଲେ । ଦଧିଚିଙ୍କ ଅସ୍ଥିରୁ 'ବଜ୍ର' ନିର୍ମାଣ ହେଲା । ଏହି ଅସ୍ତ୍ର ପ୍ରୟୋଗ କରି ଦେବରାଜ ଇନ୍ଦ୍ର ଅସୁରସେନାଙ୍କୁ ବିନାଶ କଲେ ଏବଂ ଜଗତରେ ଶାନ୍ତି ପ୍ରତିଷ୍ଠା ହେଲା । ତେବେ ବଜ୍ର ପ୍ରୟୋଗ ଯୋଗୁ ପୃଥିବୀରେ ଘୋର ଅକାଳ ପଡ଼ିଲା । ୧୨ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲା ନାହିଁ । ବର୍ଷା କରାଇବା ଲାଗି ଯଜ୍ଞ ଏବଂ ଅନୁଷ୍ଠାନର ଆବଶ୍ୟକତା ପଡ଼ିଲା । ମାତ୍ର ବ୍ରାହ୍ମଣମାନେ ବେଦ ମନ୍ତ୍ର ଭୁଲି ସାରିଥିବାରୁ ଯଜ୍ଞ କରିବା ସମ୍ଭବପର ହୋଇପାରିଲା ନାହିଁ । ଏହି ସମୟରେ ସାରସ୍ୱତଙ୍କ ସହାୟତା ଲୋଡ଼ାଗଲା । ସାରସ୍ୱତ ମହାଜ୍ଞାନୀ ଥିଲେ । ସେ ସମସ୍ତ ବେଦମନ୍ତ୍ର ମନେ ରଖିପାରିଥିଲେ ଏବଂ ଯଜ୍ଞ ପରମ୍ପରା ସମସ୍ତ ବିଧି ତାଙ୍କୁ ଜଣାଥିଲା । ସମସ୍ତ ବ୍ରାହ୍ମଣ କୁଳ ସାରସ୍ୱତଙ୍କୁ ନିଜ ଗୁରୁ ରୂପେ ସ୍ୱୀକାର କଲେ । ତାଙ୍କର ସହାୟତାକ୍ରମେ ଯଜ୍ଞ, ଅନୁଷ୍ଠାନ ଆଦି ସମ୍ପନ୍ନ କରାଯିବାରୁ ବର୍ଷା ହେଲା ଏବଂ ଅକାଳ ଦୂର ହେଲା ।



## ଅଣପଞ୍ଜୀକୃତ କ୍ଲିନିକାଲ୍ ପ୍ରତିଷ୍ଠାନ ଓ ସରକାରୀ ଡାକ୍ତରଙ୍କ ବେଆଇନ ଘରୋଇ ପ୍ରାକ୍ଟିସ୍ ବନ୍ଦ ପାଇଁ ଦାବିପତ୍ର

ନୟାଗଡ,(ନିପ୍ର): ନୟାଗଡ଼ ଜିଲ୍ଲାରେ ସରକାରୀ ଡାକ୍ତରମାନଙ୍କ ଦ୍ୱାରା ଚାଲିଥିବା ବେଆଇନ ଘରୋଇ ପ୍ରାକ୍ଟିସ୍ ତଥା ଅଣପଞ୍ଜୀକୃତ କ୍ଲିନିକାଲ୍ ପ୍ରତିଷ୍ଠାନ ଉପରେ ରୋକ୍ ଲଗାଇବା ପାଇଁ ଜିଲ୍ଲା କଂଗ୍ରେସ କମିଟି ସଭାପତି ବରିଷ୍ଠ ଆଇନଜୀବୀ ରଣଜିତ ଦାଶ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶା କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ (ନିୟନ୍ତ୍ରଣ ଓ ନିୟାମକ) ଆଇନ, ୧୯୯୦ ର ଧାରା ୨(ଖ) ଅନୁଯାୟୀ, ରୋଗ ନିରୂପଣ, ପରୀକ୍ଷା, ଚିକିତ୍ସା କିମ୍ବା ଗର୍ଭାବସ୍ଥା ସମ୍ବନ୍ଧୀୟ ସେବା ଯୋଗାଉଥିବା ଯେକୌଣସି ପ୍ରତିଷ୍ଠାନ କିମ୍ବା ଚାମ୍ବର ପାଇଁ ବୈଧ ପଞ୍ଜୀକରଣ ପ୍ରମାଣପତ୍ର ରହିବା ବାଧ୍ୟତାମୂଳକ। ମାତ୍ର ଜିଲ୍ଲାରେ ବହୁ ସରକାରୀ ଡାକ୍ତର କୌଣସି ନିୟମ ନ ମାନି ନିଜ ବାସଭବନ ତଥା ବେଆଇନ କ୍ଲିନିକରେ ଖୁଲମଖୁଲା ଘରୋଇ ପ୍ରାକ୍ଟିସ୍ ଚଳାଇଛନ୍ତି। ବିଶେଷକରି ସରକାରୀ ନିଶ୍ଚେତକ ଓ ବିଶେଷଜ୍ଞ ଡାକ୍ତରମାନେ ସରକାରୀ ଡାକ୍ତରଖାନା ଉପେକ୍ଷା କରି ବିଭିନ୍ନ ଘରୋଇ ନର୍ସିଂହୋମ୍ ଓ ହସ୍ପିଟାଲକୁ ନିୟମିତ ଯାତାୟାତ କରୁଥିବାରୁ ସାଧାରଣ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ତୁରନ୍ତ ଏହି ଅନଧିକୃତ କ୍ଲିନିକ୍ ଗୁଡ଼ିକର ଯାଞ୍ଚ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ପ୍ରତ୍ୟେକ ଅଲଟ୍ରାସାଉଣ୍ଡ କ୍ଲିନିକରେ ବେଆଇନ ଭାବେ



ଦିନକୁ୧୦୦-୧୫୦ ଅଲଟ୍ରାସାଉଣ୍ଡ କରାଯାଇ ଜଣକା ଠାରୁ ପ୍ରାୟ ୧୪୦୦ ରୁ ୨୦୦୦. ଟଙ୍କା ଆଦାୟ କରାଯାଉଛି । ସରକାର ପ୍ରତ୍ୟେକ ଅଲଟ୍ରାସାଉଣ୍ଡ ପିଛା ୯୦୦ ଟଙ୍କା ଦରଧାର୍ଯ୍ୟ କରାଯାଇଥିବା ବେଳେ ଏତେ ଟଙ୍କା କ୍ୟାସ ଆକାରରେ ଆଦାୟ ହେଉଛି । ଜଣେ ରେଡ଼ିଓଲୋଜିଷ୍ଟ ଦିନକୁ ୩୦. ଅଲଟ୍ରାସାଉଣ୍ଡ କରିବା ପାଇଁ ନିୟମ ଥିଲାବେଳେ ଅର୍ଥଲୋଭରେ ପିସିପିଏନଡିଟି ଆଇନ ଉଲ୍ଲଙ୍ଘନ କରାଯାଉ ଥିବା ଅଭିଯୋଗ କରାଯାଇ ଘଟଣାସ୍ଥଳ ଯାଞ୍ଚ ପାଇଁ ସିଡ଼ିଏମଓଙ୍କୁ କୁହାଯାଇଥିଲା। ଯଦି ପ୍ରଶାସନ ଏହି ବେଆଇନ କାର୍ଯ୍ୟକଳାପ ବନ୍ଦ କରିବାରେ ବିଫଳ ହୁଏ, ତେବେ ଜନସ୍ୱାର୍ଥ ଦୃଷ୍ଟିରୁ ଏହା ବିରୋଧରେ ଗଣତାନ୍ତ୍ରିକ ଢଙ୍ଗରେ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଭାପୁରରେ ଦୁଇ ଡେଙ୍ଗୁ ରୋଗୀ ଚିହ୍ନଟ

ଭାପୁର,(ନିପ୍ର): ଗାଁ କଲ୍ୟାଣ ସମିତି ନିଷ୍କ୍ରିୟତାକୁ ନେଇ ଭାପୁର ବ୍ଲକର ବିଭିନ୍ନ ଗ୍ରାମରେ ବର୍ତ୍ତମାନ ଡେଙ୍ଗୁ ଜ୍ୱର ହେଉଥିବା ଜଣାପଡିଛି। ଗୋଳାପୋଖରୀ ପଞ୍ଚାୟତ ସରପଞ୍ଚ ରଶ୍ମିତା ପ୍ରଧାନଙ୍କ ସ୍ୱାମୀ ନୀଳକଣ୍ଠପ୍ରସାଦ ଗ୍ରାମର ଅନୀଲ କୁମାର ବୈରିଗଞ୍ଜନ (୫୦) ବର୍ତ୍ତମାନ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏମସ ଡାକ୍ତରଖାନାରେ ଚିଟିସିତ ହେଉଛନ୍ତି। ସେ ଗତ ୨୪ ତାରିଖରୁ ଜ୍ୱରରେ ଆକ୍ରାନ୍ତ ହୋଇ ଭାପୁର ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମସ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିପରି ଗୋଳାପୋଖରୀ ଗ୍ରାମର ଗୋକୁଳ ଚନ୍ଦ୍ର ସାହୁ ମଧ୍ୟ ଡେଙ୍ଗୁରେ ଆକ୍ରାନ୍ତ ଥିବା ଜଣାପଡିଛି।

## ସାଲେପୁର କଂଗ୍ରେସ ପକ୍ଷରୁ ଜୋନ ସ୍ତରୀୟ ବୈଠକ

ସାଲେପୁର(ନିପ୍ର): ସାଲେପୁର କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ବ୍ଲକ କଂଗ୍ରେସ କମିଟିର ସଭାପତି ସରୋଜ କରଙ୍କ ସଭାପତିତ୍ୱରେ ଜୋନ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଲେପୁର କଂଗ୍ରେସ ନେତା ଆକ୍ୟୁବ ଖା ଯୋଗଦେଇ ସାଲେପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ହେବା ସହ ଚଳିତ ମାସରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସାଲେପୁର ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ୪୩ନମ୍ବର ଜୋନର ସଭାପତି ସଫିଉଲ ଆଲାମ,୪୪ନମ୍ବର ଜୋନ ସଭାପତି ଇସାକ ଖା ,୪୫ଜୋନ ସଭାପତି ରାଜନାରାୟଣ ମିଶ୍ର ଓ ୪୬ଜୋନ ଭଭାପତି ଚନ୍ଦ୍ର କାନ୍ତ କରଙ୍କ ସମେତ ସତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## କୁଚିଣ୍ଡାରେ କବି ବିନୋଦ ଚନ୍ଦ୍ର ନାୟକ ଜୟନ୍ତୀ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବାଲମତୀ ଦେହୁରୀ ନର୍ସିଂ କଲେଜରେ ବୁଧବାର କବି ବିନୋଦ ଚନ୍ଦ୍ର ନାୟକଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସମାଜସେବୀ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, କୁଚିଣ୍ଡା କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ଗଣନାଥ ନାୟକ ମୁଖ୍ୟବକ୍ତା, ବରିଷ୍ଠ ନାଗରିକ ସଂଘ ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି, ବିଏସ୍ଏନ୍ଏଲ୍ ଅଧିକାରୀ ପଦ୍ମନାଭ ବେହେରା, ନର୍ସିଂ କଲେଜ ଅଧ୍ୟକ୍ଷା ସାଲିନା ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଡ଼.ବିନୋଦ ଚନ୍ଦ୍ର ନାୟକ ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ କବି ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି।

# ଗଜପତିରେ ସରିଛି ୮୭ ପ୍ରତିଶତ ଚାଷୀ ପଞ୍ଜୀକରଣ : ୧୯୦୫ ବାଦ୍

ପାରଳାଖେମୁଣ୍ଡି,(ନିପ୍ର): ଖରିଫ ଧାନ ଅମଳ ପୂର୍ବରୁ ଚାଷୀଙ୍କ ପାଇଁ ପଞ୍ଜୀକରଣ ଓ ଟୋକନ୍ ପ୍ରକ୍ରିୟା ପୁଣି ଚିନ୍ତାର କାରଣ ହୋଇଛି। ସମବାୟ ସମିତି ଓ ମଣ୍ଡିରେ ପଞ୍ଜୀକରଣ ଠାରୁ ଆରମ୍ଭ କରି ଟୋକନ୍ ପାଇବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକ୍ରିୟାରେ ଚାଷୀ ଅନେକ ସମୟରେ ଅସୁବିଧାରେ ପଡୁଥିବାବେଳେ ବିଶେଷକରି ଗ୍ରାମାଞ୍ଚଳରେ ନେଟୱର୍କ ସମସ୍ୟା ଏବଂ ସୀମିତ ସମୟ ମଧ୍ୟରେ ଅନଲାଇନ୍ ପଞ୍ଜୀକରଣ କରିବା ଚାଷୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। କେଏମ୍ଏସ୍ ୨୦୨୬-୨୭ ପାଇଁ ଗଜପତି ଜିଲ୍ଲାରେ କୃଷକ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିଛି। ଅଗଷ୍ଟ ୩୧ ତାରିଖ ସୁଦ୍ଧା ଜିଲ୍ଲାରେ ମୋଟ ୧୩,୭୧୧ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଏହି ସମୟ ସୁଦ୍ଧା ୧୫,୬୧୬ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ। ଚଳିତବର୍ଷ ଏପର୍ଯ୍ୟନ୍ତ ମୋଟ ପଞ୍ଜୀକରଣ ହାର ୮୭.୮୦ ପ୍ରତିଶତ ରହିଛି। ଏବେ ବି ୧,୯୦୫ ଜଣ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି । ତେବେ ବିଭାଗ ପକ୍ଷରୁ ପଞ୍ଜୀକରଣ ଅବଧି ଆଉ ୭ ଦିନ ବୃଦ୍ଧି କରାଯିବା ଫଳରେ ବାଦ୍ ପଡ଼ିଥିବା ଚାଷୀଙ୍କ ପାଇଁ ଆଶ୍ୱସ୍ତିକର ସୁଯୋଗ ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ଅବଶିଷ୍ଟ ଚାଷୀ



ପଞ୍ଜୀକରଣ କରିପାରିବେ। ଫଳରେ ଚଳିତ ଖରିଫ ଋତୁରେ ଧାନ ବିକ୍ରି କରିବାକୁ ଇଚ୍ଛୁକ ଚାଷୀଙ୍କୁ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବାକୁ ପୁଣି ଏକ ସୁଯୋଗ ମିଳିଛି। ଅନ୍ୟପକ୍ଷରେ ଦିନକୁ ଦିନ ପଞ୍ଜୀକରଣ ପ୍ରକ୍ରିୟାରେ ଚାଷୀଙ୍କ ଅଂଶଗ୍ରହଣ ବଢୁଥିବା ମଧ୍ୟ ଜଣାପଡ଼ିଛି କେବଳ ଗୋଟିଏ ଦିନରେ ୨୬୫ ଜଣ ନୂତନ ଚାଷୀ ପଞ୍ଜୀକରଣ କରିଛନ୍ତି ତେବେ ଅବଶିଷ୍ଟ ୧,୯୦୫ ଜଣ ଚାଷୀଙ୍କ ପଞ୍ଜୀକରଣ ନିର୍ଦ୍ଧାରିତ ସମୟ ମଧ୍ୟରେ କିପରି ସମ୍ପୂର୍ଣ୍ଣ ହେବ, ତାହା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇଛି। ନେଟୱର୍କ ସମସ୍ୟା, ଅନଲାଇନ୍ ପଞ୍ଜୀକରଣ ସମ୍ପର୍କରେ ଅଜ୍ଞତା ଓ ଦୂରଦୂରାନ୍ତରୁ ସମବାୟ ସମିତି କିମ୍ବା ମଣ୍ଡିକୁ ଯିବାର ସମସ୍ୟା ଯୋଗୁଁ ଅନେକ ଚାଷୀ ସମୟରେ ପଞ୍ଜୀକରଣ କରିପାରୁ ନଥିବା ଅଭିଯୋଗ ରହିଛି ତେଣୁ ଅବଶିଷ୍ଟ ସମୟରେ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ କରିବା ସହ ଚାଷୀଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ଦେବା ଉପରେ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଚାଷୀନେତାମାନେ ଦାବି କରିଛନ୍ତି।

## ଉଲ୍ଲେଖନୀୟ ସେବା ପାଇଁ ବ୍ୟକ୍ତି ବିଶେଷ ହେଲେ ସମ୍ମାନିତ

ଜଟଣୀ,(ନି.ପ୍ର) : ଜଟଣୀ ପୌର ପରିଷଦ ପକ୍ଷରୁ ପୌର ପାଳିକା କାର୍ଯ୍ୟାଳୟ ପରିସରରେ ୫୪ ତମ ସ୍ୱାୟତ ଶାସନ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବ ଅବସରରେ ପୌର ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ପ୍ରତ୍ୟୁଷରେ ରାମଧୂନ, ଡ଼ାକ୍ତରଖାନାରେ ରୋଗୀଙ୍କୁ ଫଳ ବିତରଣ,ଜାତୀୟ ପତାକା ଉତୋଳନ,ସଭା.ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପୌରାଧକ୍ଷ ଅନନ୍ତ ବେହେରା ସଭା ପରିଚାଳନା କରିଥିଲେ । କାଉନସିଲର ଶଶାଙ୍କ ଶେଖର ରାୟ,ବିଷ୍ଣୁ କୁମାର ସାହୁ,ଉପାଧକ୍ଷା ଆରତୀ ରାଉତ,ପି.ୟାରାନା,ଜାଇ ବେହେରା,ଦିଲ୍ଲୀପ କୁମାର ମାର୍ଥା,ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ୧୯୭୪ ପ୍ରଥମ ପାରିଷଦ ବର୍ଗ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରା ଯାଇଥିଲା । ଟାଉନହଲ ଠାରେ ରାଜ୍ୟ ସ୍ତରୀୟ ସ୍ୱାୟତ୍ତ ଶାସନ ଦିବସର ସିଧା ପ୍ରସାରଣ କରା ଯାଇଥିଲା । ପୌର ନିର୍ବାହୀ ଅଧିକାରୀ ଆକ୍ରିତୀ ଗୋଏଙ୍କା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ପୌର କର୍ମଚାରୀ



ଜ୍ୟୋତି ରାଉତରାୟ,ପ୍ରଶାନ୍ତ ରଞ୍ଜନ ଜେଠୀ,ସତ୍ୟବ୍ରତ ତ୍ରିପାଠୀ ଏବଂ ସମସ୍ତ ପୌର କର୍ମଚାରୀ ଏବଂ ଯନ୍ତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆଜି ସନ୍ଧ୍ୟାରେ ଆନ୍ଧ୍ର ବ୍ୟାଙ୍କ ଗଳିରେ ଏକ ମିନି ପାର୍କ ଉଦ୍‌ଘାଟନ କରା ଯାଇଥିଲା । ପୌରାଧକ୍ଷ ଶ୍ରୀ ବେହେରା ଏବଂ ନିର୍ବାହୀଧିକାରୀ ଶ୍ରୀମତି ଗୋଏଙ୍କା ଏହି ପାର୍କକୁ ଉଦ୍‌ଘାଟନ କରିଥିଲେ। ପୌରଯନ୍ତ୍ରୀ ଆଦିତ୍ୟ ନାରାୟଣ ସିଂହ,କନିଷ୍ଠଯନ୍ତ୍ରୀ ନବୀନ କୁମାର ଦୋରା ପ୍ରମୁଖ ଯୋଗ ଦେଇଥିଲେ।

## ନିଃଶୁଳ୍କ ଗୋଚିକିତ୍ସା ଶିବିର



ବାଲିଚନ୍ଦ୍ରପୁର,(ନିପ୍ର): ଶ୍ରୀ ସତ୍ୟସାଇ ସେବା ସମିତି (ପଲାଇ) ଆନୁକୂଲ୍ୟରେ ସ୍ଥାନୀୟ ଯୁବ ଜ୍ୟୋତି କ୍ଲବ, ମହାକାଳପଡ଼ା ଠାରେ ଏକ ନିଃଶୁଳ୍କ ଗୋଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଙ୍ଗଳବାର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୦୧ଟି ଗାଈ, ବାଛୁରୀ, ବଳଦ, ଛେଳି, କୁକୁର ଓ ଅନ୍ୟାନ୍ୟ ଘରୋଇ ପାଳିତ ପଶୁଙ୍କର ସ୍ୱାସ୍ଥ୍ୟ ନିରୂପଣ କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ବିଶେଷ କରି କୃମି ନାଶକ, କ୍ଷୀର ବୃଦ୍ଧି ଔଷଧ, ଆଣ୍ଟିବାୟୋଟିକ୍ସ, ବିଭିନ୍ନ ଇଞ୍ଜେକ୍ସନ, ଚର୍ମରୋଗ, ଚକ୍ଷୁ ପରୀକ୍ଷା, ଗୋ-ବସନ୍ତ ଓ ଗାଈ ଗର୍ଭ ଧାରଣ ନ କରିବା ଭଳି ଜଟିଳ ସମସ୍ୟାର ମାଗଣା ଚିକିତ୍ସା କରାଯାଇଥିଲା। ଏହାସହିତ ଗୋ-ପାଳକମାନଙ୍କୁ ପଶୁମାନଙ୍କ ଖାଦ୍ୟପେୟ, ଗୋଶାଳାର ପରିଚ୍ଛନ୍ନତା, ନିୟମିତ ଔଷଧ ସେବନ ଓ ରୋଗର ପ୍ରାଥମିକ ଲକ୍ଷଣ ସମ୍ପର୍କରେ ସଚେତନ କରାଯାଇଥିଲା।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଓ ଭାପୁର ବ୍ଲକ ସାମାଜିକ ସୁରକ୍ଷା ବିଭାଗ ତରଫରୁ ବୁଧବାର ଦିନ ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା ପରିଚାଳନା କରିଥିବାବେଳେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ଶିବିରରେ ଜିଲ୍ଲାରୁ ଏସ.ଏସ.ଏସ.ଓ଼ କାମଦେବ ନାୟକ ଯୋଗଦେଇ ୧୮୭ ଜଣ ଭିନ୍ନକ୍ଷମମାନଙ୍କୁ ପ୍ରୋତ୍ସାହନ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ରେଫର କରାଯାଇଥିଲା ଏବଂ ଦୁଇ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଚକ୍ଷୁ ବିଭାଗର ଡଃ.ବିଷ୍ଣୁପ୍ରିୟା ଖୁଣ୍ଟିଆ ଯୋଗଦେଇ ୧୭ ଜଣଙ୍କୁ ପରୀକ୍ଷା କରିଥିବାବେଳେ ଅସ୍ଥିଶଲ୍ୟ ବିଭାଗ ଡଃ ବି ସୂର୍ଯ୍ୟାରାଓ ୮୮ ଜଣ,ଶ୍ରବଣ ବିଭାଗ ଡଃ ପୀତବାସ ନାୟକ ୪୦ ଜଣ ଏବଂ ବାକ ବିଭାଗ ରୁ ଡଃ ସୀତାଶ୍ରୀ ସେଠି,ମାନସିକ ଅନଗ୍ରସରରୁ ଡଃ ସବିତା ବରାଡ଼, ମେଡ଼ିସିନ ବିଭାଗ ଶତ୍ରୁଘ୍ନ ନାୟକ, ମନୋବିଜ୍ଞାନ ଡଃ ତାପସ୍ୱିନୀ ଆଚାର୍ଯ୍ୟ ଅଡିଓଲୋଜିଷ୍ଟ ଲକ୍ଷ୍ମୀପ୍ରିୟା ମଲ୍ଲିକ ୪୨ ଜଣ ଭିନ୍ନକ୍ଷମଙ୍କୁ ପରୀକ୍ଷା କରିଥିଲେ।

## ଭଦ୍ରକ ବିଧାନସଭା କାର୍ଯ୍ୟାଳୟରେ ଜନଶୁଣାଣି

ଭଦ୍ରକ(ନିପ୍ର): ଆଜି ବିଧାନସଭା କାର୍ଯ୍ୟାଳୟରେ ଭଦ୍ରକ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗ ଗୁଡ଼ିକ ଶୁଣିଲେ ବିଧାୟକ ଓ କିଛି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ, ଅନ୍ୟ ସମସ୍ୟା ଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନଜରକୁ ଆଣି ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିମନ୍ତେ ପରାମର୍ଶ ଦେଇଛନ୍ତି।

## ହରିହର ବିଦ୍ୟାପୀଠରେ ସକ୍ଷମ କେନ୍ଦ୍ର ଉଦ୍‌ଘାଟିତ




କୃଷ୍ଣପ୍ରସାଦ,(ନି ପ୍ର ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପିଏମ୍ ଶ୍ରୀ ହରିହର ନୋଡାଲ ବିଦ୍ୟାପୀଠରେ ସକ୍ଷମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବି ଆର ସି ସି ସିଧେଶ୍ୱର କରଣ ଉଦ୍‌ଘାଟିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଉଦ୍‌ଘାଟନି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ରସେନ ସାହୁ, ସହ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବି ଆର ପି ଦୀନବନ୍ଧୁ ପ୍ରଧାନ, ସମସ୍ତ ସି ଆର ସି ସି ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ। ପୁରୀ ଜିଲ୍ଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସକ୍ଷମ କେନ୍ଦ୍ରର ଉଦ୍‌ଘାଟନ ଦ୍ୱାରା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ସମାରୋହରେ ବ୍ଲକର ସି ଆର ସି ସି, ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ। ପ୍ରଶାନ୍ତ ଆପ ମାଧ୍ୟମରେ ଭିନ୍ନକ୍ଷମ ପିଲାଙ୍କୁ ଚିହ୍ନଟ କରି ସକ୍ଷମ କେନ୍ଦ୍ରରେ ନାମ ଲେଖାଇ ଶିକ୍ଷାଦାନ କରିବା ଲକ୍ଷ୍ୟ ରହିଛି। ପ୍ରତ୍ୟେକ ପିଲାଙ୍କୁ ବିଶେଷ ଶିକ୍ଷା, ଥେରାପି, ରିମେଡ଼ିଆଲ କ୍ଲାସ, କରାଯିବ। ଆବଶ୍ୟକ ଅନୁଯାଇ ବ୍ରେଲ୍ ବହି, ଶ୍ରବଣ ଯନ୍ତ୍ର, ହୁଇଲ୍ ଚେୟାର ଓ ଟି ଏଲ ଏମ ସାମଗ୍ରୀ ଯୋଗାଇ ଦିଆଯିବ। ଅଭିଭାବକମାନଙ୍କ ପରାମର୍ଶ ଓ ସଚେତନତା କାର୍ଯ୍ୟକ୍ରମ କରାଯିବ।

## ଗୋପୀନାଥପୁର- ପାଣ୍ଡୁସାହୁ ପାଟଣା ମାଳବନ୍ଧ ରାସ୍ତା ଶୋଚନୀୟ

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ଗୋପୀନାଥପୁର ଗ୍ରାମ ଠାରୁ ନିକଟସ୍ଥ କଣ୍ଟିଲୋ ପଞ୍ଚାୟତ ଅଧୀନ ପାଣ୍ଡୁସାହୁ ପାଟଣାକୁ ସଂଯୋଗ କରୁଥିବା କୁଆଁରିଆ ମାଳବନ୍ଧ ରାସ୍ତା ଅବସ୍ଥା ଅସରାଏ ବର୍ଷାରେ ଶୋଚନୀୟ ହୋଇପଡୁଛି ।ଉକ୍ତ ମାଳବନ୍ଧ ରାସ୍ତାର ଉନ୍ନତିକରଣ ନିମନ୍ତେ କଣ୍ଟିଲୋ ଜଳସେଚନ ବିଭାଗ ଜରିଆରେ ଲକ୍ଷାଧିକ ଟଙ୍କା ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା ।ମାତ୍ର କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ମନମାନି ସାଙ୍ଗକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅଣଦେଖା ଯୋଗୁଁ ମାଳବନ୍ଧ ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବେଣାଗାଡିଆ ଓ କଣ୍ଟିଲୋ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏପରିକି ଉକ୍ତ ମାଳବନ୍ଧ ରାସ୍ତାର କିଛି ଅଂଶ ପିଚୁ ହୋଇଥିବା ବେଳେ ବଳକା ଅଂଶ ଖାଲଖମାରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଫଳରେ ସାମାନ୍ୟ ବର୍ଷା ହେଲେ ଉକ୍ତ ମାଳବନ୍ଧ ରାସ୍ତା କାଦୁଅ, ପଙ୍କରେ ପୋତି ହୋଇ ପଡୁଥିବାରୁ ସେହି ରାସ୍ତା ଦେଇ ଯାତାୟତ ନିମନ୍ତେ ଅଞ୍ଚଳବାସୀ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ତେବେ ପ୍ରଶ୍ନ ଉଠେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣଧୀନ ଉକ୍ତ ମାଳବନ୍ଧ ରାସ୍ତାର ସ୍ଥାୟୀତ୍ୱ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହଜାତ ହୋଇଥିବା ବେଳେ କଣ୍ଟିଲୋ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଓ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳ ପରିଦର୍ଶନ



କରି ଉକ୍ତ ମାଳବନ୍ଧ ରାସ୍ତାର ଦୟନୀୟ ସ୍ଥିତି ଅନୁଧ୍ୟାନ କରିବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷେ ମାଳବନ୍ଧ ରାସ୍ତା ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଭିଜିଲାନ୍ସ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନେରେଡି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳବାସୀ ସାଂସଦଙ୍କୁ ଭେଟି ଦେଲେ ସ୍ମାରକପତ୍ର

ପାରଳାଖେମୁଣ୍ଡି,(ନିପ୍ର): ବ୍ରହ୍ମପୁର ସାଂସଦ ଗଜପତି ଜିଲ୍ଲା ଗସ୍ତରେ ଥିବାବେଳେ ନେରେଡି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଞ୍ଚଳବାସୀ ସାଂସଦଙ୍କୁ ସାକ୍ଷାତ କରି ନିଜ ସମସ୍ୟା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରକଳ୍ପ ନିର୍ମାଣ ଯୋଗୁଁ ଜମି, ଜୀବିକା ଓ ଭିଟାମାଟି



ହରାଇବାର ଆଶଙ୍କା ସହ ବିଭିନ୍ନ ସମସ୍ୟା ନେଇ ଅଞ୍ଚଳବାସୀ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରଭାବିତ ଅଞ୍ଚଳବାସୀଙ୍କ ଠାରୁ ସାଂସଦ ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ ହେବା ସହ ସ୍ମାରକପତ୍ର ଗ୍ରହଣ କରିଥିଲେ। ନେରେଡି ପ୍ରକଳ୍ପ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ଏହି ପ୍ରସଙ୍ଗକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ସାଂସଦ ପ୍ରଭାବିତ ଅଞ୍ଚଳବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ନେରେଡି ପ୍ରକଳ୍ପକୁ ନେଇ ଓଡ଼ିଶାରେ ଲୋକଙ୍କ ବିରୋଧ ଜାରି ରହିଥିବାବେଳେ ସାଂସଦଙ୍କୁ ପ୍ରଭାବିତ ଅଞ୍ଚଳବାସୀଙ୍କ ସାକ୍ଷାତ ଓ ସ୍ମାରକପତ୍ର ପ୍ରଦାନ ଘଟଣା ପ୍ରସଙ୍ଗକୁ ପୁଣି ଚର୍ଚ୍ଚାକୁ ଆଣିଛି। ପ୍ରକଳ୍ପ ଯୋଗୁଁ ଜମି ଅଧିଗ୍ରହଣ, କ୍ଷତିପୂରଣ, ପୁନର୍ବାସ ଓ ଥଇଥାନ ଭଳି ପ୍ରସଙ୍ଗରେ ସରକାରଙ୍କ ସ୍ୱଷ୍ଟ ଆଭିମୁଖ୍ୟ ଦାବି କରିଛନ୍ତି ପ୍ରଭାବିତ ଅଞ୍ଚଳବାସୀ।

## ନିରାକାରପୁର ଥାନାରେ 'ଆମ ପୋଲିସ' କାର୍ଯ୍ୟକ୍ରମ

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପରିସରରେ ଆଜି 'ଆମ ପୋଲିସ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ରୀନାରାଣୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ଏବଂ ଅଞ୍ଚଳର ଶାନ୍ତି-ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଥାନା ସବ-ଇନ୍ସପେକ୍ଟର ମିନତି ମଲ୍ଲିକ ଏବଂ ଏଏସଆଇ ଗୁରୁ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ନାଗରିକ, ସମାଜସେବୀ ଓ ଅଞ୍ଚଳର ଭଦ୍ରବ୍ୟକ୍ତିମାନେ ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ।

## ଆସିକାରେ କାର୍ଯ୍ୟକାରୀ ହେଲା ଆରଟିଓ କ୍ୟାମ୍ପ କାର୍ଯ୍ୟାଳୟ

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲାର ପୁରାତନ ସହର ତଥା ଏକ ପ୍ରମୁଖ ଗମନାଗମନ କେନ୍ଦ୍ର ଆସିକାରେ ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ଆସିକା ସରକାରୀ ରାଜ୍ୟ ପରିବହନ ବସଷ୍ଟାଣ୍ଡ ପରିସରରେ ସପ୍ତାହକୁ ଦୁଇ ଦିନ ବୁଧବାର ଓ ଶୁକ୍ରବାର କରିବାକୁ ଥିବା ଆରଟିଓ କ୍ୟାମ୍ପ କାର୍ଯ୍ୟାଳୟ ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କ୍ୟାମ୍ପରେ ଶୂନ୍ୟ ମୃତ୍ୟୁହାର ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥି ନାୟକ, କନିଷ୍ଠ ମୋଟର ଜାନ ଇନ୍ସପେକ୍ଟର ସୁବାଶିଷ ମହାରଣା,ଏ ଟି ଏସ ଆଇ ଏସ.କେ .ଅନୁସୂଦ୍ଦିନ ପ୍ରମୁଖ ଉପସ୍ଥିତ ରହି ଡ୍ରାଇଭର ମାନଙ୍କୁ କିଭଳି ଭାବେ ଆମେ କାର୍ଯ୍ୟକରିବା ସେ ଉପରେ ତାଲିମ ଦେଇଥିଲେ।

# କାକଟ ଲକ୍‌ରୁ ଗଣ୍ଡାକିଆ ପର୍ଯ୍ୟନ୍ତ କେନାଲର ଦୁର୍ଦ୍ଦଶା

## ପୁନରୁଦ୍ଧାର ନାଁରେ କୋଟି କୋଟି ଖର୍ଚ୍ଚ, ତଥାପି ପୋତି ହେବାକୁ ବସିଲାଣି



କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ସହର କାକଟ ଲକ୍‌ରୁ ଗଣ୍ଡାକିଆ ପର୍ଯ୍ୟନ୍ତ ବୋହିଯାଇଥିବା କେନାଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ଦୀର୍ଘଦିନ ଧରି କେନାଲର ନିୟମିତ ସଫେଇ ଓ ରକ୍ଷଣାବେକ୍ଷଣ ଅଭାବରୁ ଏଥିରେ କୁଢ଼ କୁଢ଼ ଅଳିଆ ଜମି ରହିଛି। ଫଳରେ କେନାଲ ପୋତି ହେବାକୁ ବସିଥିବା ବେଳେ ଦୁର୍ଗନ୍ଧରେ ନାକ ଫାଟିପଡୁଛି। କାକଟ ଲକ୍ ନିକଟରୁ କେନ୍ଦ୍ରାପଡ଼ା ବ୍ଲକ ପର୍ଯ୍ୟନ୍ତ କେନାଲର ଅନେକ ସ୍ଥାନରେ ଅଳିଆ ଓ ଆବର୍ଜନା ଜମି ଜଳ ପ୍ରବାହରେ ବାଧା ସୃଷ୍ଟି କରୁଛି। ବର୍ଷା ଦିନେ ଏହାର ପ୍ରଭାବରେ ଜଳ ନିଷ୍କାସନ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—କେନାଲ ସଫେଇ ଓ ପୁନଃରୁଦ୍ଧାର ପାଇଁ ବର୍ଷ ବର୍ଷ ଧରି ଟଙ୍କା ଖର୍ଚ୍ଚ ହେଉଥିବା ସତ୍ତ୍ୱେ ଏଭଳି ଦୁର୍ଦ୍ଦଶା କାହିଁକି ? ସଫେଇ ଓ ପୁନଃରୁଦ୍ଧାର କାମର ମାନକୁ ନେଇ ମଧ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। କାମରେ ଅନିୟମିତତା ହୋଇଥିଲେ ତାହାର ନିରପେକ୍ଷ ତଦନ୍ତ କରାଯାଇ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁସାରେ ପଦକ୍ଷେପ ନେବାକୁ ଦାବି ହେଉଛି। କେନାଲ ପୁନଃରୁଦ୍ଧାର କାମରେ ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ଭୂମିକାକୁ ନେଇ ମଧ୍ୟ ଅଭିଯୋଗ ଉଠୁଛି। ତେବେ ଏହି ଅଭିଯୋଗର ସତ୍ୟତା କ'ଣ, କେତେ ଟଙ୍କାର କାମ ହୋଇଛି, କାମର ମାନ କିପରି ଥିଲା ଏବଂ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର, ତାହା ସ୍ପଷ୍ଟ କରିବା ଆବଶ୍ୟକ। ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ଏତେ ବଡ଼ ସମସ୍ୟା ଥିବା ସତ୍ତ୍ୱେ ଜନପ୍ରତିନିଧି ଓ ସମ୍ପୃକ୍ତ ପ୍ରଶାସନର ଦୃଷ୍ଟି କାହିଁକି ପଡୁନାହିଁ ? କେନାଲର ଏଭଳି ଅବସ୍ଥା ପାଇଁ ଦାୟୀ କିଏ ? ଏବେ ସାଧାରଣରେ ଗୋଟିଏ ପ୍ରଶ୍ନ ଉଠୁଛି, କେବେ ହେବ ଏହି କେନାଲର ପ୍ରକୃତ ପୁନଃରୁଦ୍ଧାର ? କେବେ ହଟିବ କୁଢ଼ କୁଢ଼ ଅଳିଆ ଓ ଦୁର୍ଗନ୍ଧ ଏବଂ ସରକାରୀ ଅର୍ଥର ସଠିକ୍ ବିନିଯୋଗ ହେଉଛି କି ନାହିଁ, ତାହାର ଜବାବ କିଏ ନେବ ? ସରକାର ଓ ସମ୍ପୃକ୍ତ ବିଭାଗ ତୁରନ୍ତ କେନାଲର ସ୍ଥିତି ଅନୁଧ୍ୟାନ କରି ବୈଜ୍ଞାନିକ ଢଙ୍ଗରେ ସଫେଇ, ପୁନଃରୁଦ୍ଧାର ଓ ନିୟମିତ ରକ୍ଷଣାବେକ୍ଷଣ କରିବାକୁ ଦାବି ହେଉଛି।

ତିଥି :(ଷଷ୍ଠୀ/ସପ୍ତମୀ): (କୃତ୍ତିକା ମେଷ)
ଅମୃତ ବେଳା: ରାତ୍ରି ଘ ୧ ।୧୦ ଗତେ ଘ୩ ।୩୪ ମଧ୍ୟେ

## ଆଜିର ଅନୁଚିନ୍ତନ

ସର୍ବତ୍ର ଅନାସକ୍ତ ଯେଉଁ ମନୁଷ୍ୟ ସେହି ସେହି ଶୁଭ-ଅଶୁଭଙ୍କୁ ପ୍ରାପ୍ତ କରି ହର୍ଷିତ ହୁଏ ନାହିଁ କି ଦ୍ୱେଷ କରେ ନାହିଁ, ତାହାର ବୁଦ୍ଧି ସ୍ଥିର ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ମାର୍ଗଦର୍ଶନ କରୁ ସଫଳତା

ଏନ୍‌ଡିଏ ସରକାରଙ୍କ ବିଭିନ୍ନ ସଂସ୍କାର ଓ ଅର୍ଥନୀତିର ସୁପରିଚାଳନା ତଥା ଦେଶବାସୀଙ୍କ ସାମର୍ଥ୍ୟର ଫଳଶ୍ରୁତି ସ୍ୱରୂପ ଭାରତୀୟ ଅର୍ଥନୀତି ସଂପ୍ରତି ଅଧିକ ମଜଭୁତ ସ୍ଥିତିରେ ବିଦ୍ୟମାନ । ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଥିଲା ଚଳିତ ବର୍ଷର ପ୍ରଥମ ତ୍ରୈମାସିକ ଏପ୍ରିଲରୁ ଜୁନ ମଧ୍ୟରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ୭ ପ୍ରତିଶତ ହାରରେ ବଢ଼ିପାରେ । ମାତ୍ର ଏହି ଆକଳନକୁ ପଛରେ ପକାଇ ଜିଡିପି ଅଭିବୃଦ୍ଧି ଏବେ ୭.୮ ପ୍ରତିଶତରେ ପହଞ୍ଚିଛି । ଅଥଚ ଗତବର୍ଷ ସମାନ ଅବଧିରେ ଏହି ଅଭିବୃଦ୍ଧି ଥିଲା ୬.୯ ପ୍ରତିଶତ ।ଉଲ୍ଲେଖ କରାଯାଇପାରେ ଯେ ପଶ୍ଚିମ ଏସିଆରେ ଉତ୍ତେଜନା ଦୀର୍ଘଦିନ ଧରି ଉଦ୍‌ବେଗଜନକ ଭାବରେ ରହିବାର ପରିଣତି ସ୍ୱରୂପ ବିଶ୍ୱ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇସାରିଛି । ଏହି ଯୋଗାଣ ଶୃଙ୍ଖଳର ମୁଖ୍ୟ ସାମଗ୍ରୀଗୁଡ଼ିକ ମଧ୍ୟରେ ରହିଛି ପେଟ୍ରୋଲ, ଡିଜେଲ, ଗ୍ୟାସ ସହିତ ବହୁ ଅତ୍ୟାବଶ୍ୟକ ସାମଗ୍ରୀ । ଏସବୁର ଦରବୃଦ୍ଧି ଘଟିଛି । ଏହା ସାଙ୍ଗକୁ ଅନ୍ତର୍ଜାତୀୟସ୍ତରରେ ଅଶୋଧିତ ତୈଳଦର ବୃଦ୍ଧି ପାଇଛି । ଏହା ସତ୍ତ୍ୱେ ଜିଡିପି ଅଭିବୃଦ୍ଧିର ସଫଳତା କ'ଣ ? ବିଶେଷକରି ଅର୍ଥ, ରିୟଲ ଇଷ୍ଟେଟ, ଆଇଟି ଓ ବୃତ୍ତିଗତ ସେବା । ଏସବୁରେ ଅଭିବୃଦ୍ଧି ୧୨ ପ୍ରତିଶତ ବୃଦ୍ଧି ପାଇଛି ।

ସାଧାରଣ ଭାବରେ ଲକ୍ଷ୍ୟ କରାଯାଏ ଯେ ଯେତେବେଳେ ପେଟ୍ରୋଲ, ଡିଜେଲ, ଇନ୍ଧନ ହେଉ କି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରବୃଦ୍ଧି ଘଟେ, ସେତେବେଳେ ଆର୍ଥିକ କାର୍ଯ୍ୟକଳାପ ମନ୍ଥର ହୋଇଯାଏ । ତେବେ ଆମ ଦେଶରେ ଏହାଦ୍ୱାରା ଜିଡିପି ପ୍ରଭାବିତ ନ ହେବା ଅର୍ଥନୀତିର ସୁପରିଚାଳନା ଦିଗକୁ ଇଙ୍ଗିତ କରେ ।

ଜିଡିପି ଅଭିବୃଦ୍ଧି କାଳରେ ଚିନ୍ତା କରିବାକୁ ହେବ ପ୍ରଧାନମନ୍ତ୍ରୀ ମୋଦି ଗତ ୮୦ତମ ସ୍ୱାଧୀନତା ଦିବସ ଅବସରରେ ବିକଶିତ ଭାରତ ଯାତ୍ରା ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ରଖିଥିଲେ ।ଏହା ସତ୍ୟ ଯେ ଯେତେବେଳେ ଦେଶରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ତାହା ନିର୍ଦ୍ଧାରିତ କୌଣସି ବର୍ଗ ଦ୍ୱାରା ସମ୍ପନ୍ନ ହୋଇ ନଥାଏ; ବରଂ ସମାଜର ସବୁ ବର୍ଗ, ଉଦ୍ୟୋଗ ଜଗତ, ସର୍ବୋପରି ନାଗରିକଙ୍କ ଯୋଗଦାନ ରହେ । ତାହା ମଧ୍ୟରେ ଅଧିକ ଗୁରୁତ୍ୱ ରଖେ ଯୁବପିଢ଼ି । ଏହା ନିଃସନ୍ଦେହ ଯେ ସମ୍ପ୍ରତି ଯାବତୀୟ ପ୍ରଯୁକ୍ତି ଓ ସାଧନର ଉପଯୋଗ ସତ୍ତ୍ୱେ ରାସାୟନିକତତ୍ତ୍ୱ ମୁକ୍ତ କୃଷି କ୍ଷେତ୍ର ସମ୍ଭବ ହୋଇପାରିନାହିଁ । ରାସାୟନିକ ସାର, କୀଟନାଶକର ପ୍ରାବଲ୍ୟ କାରଣରୁ ଦିନକୁ ଦିନ ବିଭିନ୍ନ କୃଷି ଉତ୍ପାଦ ପ୍ରଦୂଷିତ ହେବାର ପରିଣାମ ସ୍ୱରୂପ ମଣିଷର ଜୀବନ ଯାତ୍ରା ବିପର୍ଯ୍ୟସ୍ତ ହେଉଛି । ବିଶେଷ କରି ନାନା ସ୍ୱାସ୍ଥ୍ୟ ଜଟିଳତା ବଢ଼ୁଛି, ଏ ବାବଦରେ ଖର୍ଚ୍ଚ ମଧ୍ୟ ଅଧିକ ହେଉଛି । ସୁତରାଂ ବିଶ୍ୱ ମାନଦଣ୍ଡ ପୂରଣ କରୁଥିବା କୃଷି ଉତ୍ପାଦ କହିଲେ ତାହା ଜୈବ ଆଧାରିତକୁ ବୁଝାଏ । ଗୁଣବତ୍ତା ଭାରତୀୟ ଉତ୍ପାଦନର ମୂଳମନ୍ତ୍ର ହେବା ଜରୁରୀ । ବିକଶିତ ଭାରତ ଯାତ୍ରାକୁ ଯୁବପିଢ଼ି ବଳ ଦେବ, ଏକ ବିବୃତିରେ ଏହା ନ ରହି ଏହାର କାର୍ଯ୍ୟକାରିତା ଲାଗି ଯେଉଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ତଥା ପ୍ରୟାସ ଆବଶ୍ୟକ ତାହା ଉପରେ ଗୁରୁତ୍ୱ ଦିଆଯାଉ । ଅର୍ଥାତ୍, ଏ ବାବଦରେ ସ୍ୱତନ୍ତ୍ର ଯୋଜନା ପ୍ରଣୟନ ହେଉ ଓ ଯୁବପିଢ଼ିକୁ ଦିଆଯାଉ ଗୁରୁତ୍ୱ । କାରଣ କୃଷି ଓ ଗୋପାଳନ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ । ଶ୍ରୀ ବଳରାମ ଓ ଶ୍ରୀକୃଷ୍ଣ ଏହାର ହେଲେ ଏହାର ବାର୍ତ୍ତାବହ । ଯାବତୀୟ ଆଧୁନିକ ବିକାଶ ପଥରେ ଏହି ଦିଗ ଏଯାବତ୍ ଯଥୋଚିତ ଗୁରୁତ୍ୱ ପାଇଥିବା ମନେ ହେଉନାହିଁ । ଯୁବ ବର୍ଗ ଅନ୍ୟାନ୍ୟ ଉଦ୍ୟୋଗ କ୍ଷେତ୍ର ସହିତ ଏହି ଦୁଇ କ୍ଷେତ୍ର ପ୍ରତି ଯତ୍ନବାନ ହେଲେ, ନିଶ୍ଚିତ ଭାବରେ ଜିଡିପିର ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ ହୋଇପାରିବ ।

# ପୋଷଣ ତତ୍ତ୍ୱକୁ ଆବିଷ୍କାର କରିବା

## ଡ. ସୁରେଶ କୁମାର ନାୟକ

ପିଲାମାନଙ୍କର ଶିଶୁ ସ୍ୱାସ୍ଥ୍ୟ ସହ ପୁଷ୍ଟି ସହାୟକ ଭାବେ ସଚେତନତାର ଓ ସହାୟତା ସହଯୋଗ ଭିତ୍ତିକ କାର୍ଯ୍ୟକ୍ରମ ହେଉଛି ଜାତୀୟ ଶିଶୁ ପୁଷ୍ଟି ସପ୍ତାହ । ପ୍ରତିବର୍ଷପରି ଏକ ବାର୍ତ୍ତା ରହିଥାଏ ଚଳିତ ବର୍ଷର ବାର୍ତ୍ତା ହେଉଛି 'ଡିସ୍‌କଭର ଦି ପାୱାର ଅଫ ନ୍ୟୁଟ୍ରେସନ' ଯାହାର ଅନୁବାଦ ହେଉଛି ପୋଷଣ ତତ୍ତ୍ୱକୁ ଆବିଷ୍କାର କରିବା । କିନ୍ତୁ ବର୍ତ୍ତମାନର ସମୟରେ ଆଗାମୀ ଦିନର ସମ୍ଭାବନା ସୁଯୋଗର ଯେଉଁ ସୁନ୍ଦର ଶିଶୁଟି ଯଦି ପୁଷ୍ଟି କ୍ଷେତ୍ରରେ ସମସ୍ୟାକୁ ସାମ୍ନା କରିଥାଏ ତେବେ ଏହା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୋଇଥାଏ । ଉତ୍ତମ ପୁଷ୍ଟି ପାଇଁ କେବଳ ପ୍ରଶାସନର ଦାୟିତ୍ୱକୁ ଅପେକ୍ଷା କରିବା ପୂର୍ବରୁ ନିଜେ ନିଜେ ଏହି ତତ୍ତ୍ୱକୁ ବୁଝି ନିଜେ ଏହାକୁ ବ୍ୟବହାର କରି ପରେ ଅନ୍ୟମାନଙ୍କ ପାଇଁ ଶିକ୍ଷାର ବାର୍ତ୍ତା ଦେବା । ପୁଷ୍ଟିକର ଖାଦ୍ୟ କେବଳ ଉଚ୍ଚ ଦାମରେ ମିଳୁଥିବା ଜିନିଷ ତାହା ଆଦୌ ନୁହେଁ ।



ଭଗବାନଙ୍କ ସୃଷ୍ଟିରେ ଆମ ହାତପାଆନ୍ତାରେ ଅନେକ ପୁଷ୍ଟି ପୋଷଣଯୁକ୍ତ ଖାଦ୍ୟ, ଶାଗ, ସବୁଜ ପନିପରିବା ଏପରିକି ଅନେକ କିଛି ରହିଛି । ଯାହାକି ଆମ ପାଇଁ ସମୟ ଅନୁଯାୟୀ ଉଚ୍ଚ ମୂଲ୍ୟର ମଧ୍ୟ ନୁହେଁ । ସୁଷମ ଖାଦ୍ୟ ସର୍ବାଦୌ ସର୍ବଶ୍ରେଷ୍ଠ ପୁଷ୍ଟିକର ଖାଦ୍ୟ ଭାବେ ଗ୍ରହଣୀୟ । କେବଳ ଗ୍ରାମାଞ୍ଚଳରେ ନୁହେଁ ଅନେକ ସହରାଞ୍ଚଳରେ ଅନେକ ପରିବାରରେ ଆଜି ମଧ୍ୟ ସେମାନେ ନିଜ ଘର ତିଆରି ଛତୁଆ ନିଜେ ପ୍ରସ୍ତୁତ କରିଥାନ୍ତି । ଛାତ ଉପରେ ଅତି ଛୋଟିଆ ଜାଗାରେ କିଛି ପନିପରିବା, ଶାଗ, ଫୁଲଗଛ, ତୁଳସୀ ଗଛ ଲଗାଇବା ଦ୍ୱାରା କେବଳ ପୁଷ୍ଟିକର ଖାଦ୍ୟ ମିଳିନଥାଏ ବରଂ ସମଗ୍ର ବିଶ୍ୱ ପାଇଁ ଏକ ସବୁଜ ପରିବେଶ ସୃଷ୍ଟି ହୋଇଥାଏ । ଯେଉଁ ପିଲାଟି ଏକ ଉଚ୍ଚନୈତିକ, ଆଧ୍ୟାତ୍ମିକ ଚେତନାର ପୁଷ୍ଟିତତ୍ତ୍ୱରୁ ତିଆରି ସେ ପିଲାଟିର ଭବିଷ୍ୟତ ନିଶ୍ଚିତ ଭାବରେ ଅନ୍ତତଃ ଆଧ୍ୟାତ୍ମିକ ଚେତନାର ବାର୍ତ୍ତାକୁ ନେଇ ଆଗକୁ ବଢ଼ିବ ।

ପୁଷ୍ଟିକର କ୍ଷେତ୍ରର ଅନ୍ୟ ଏକ ଦିଗ ହେଉଛି ଉତ୍ତମ ପୋଷଣ ଖାଦ୍ୟ ସହିତ ପାନୀୟ ଜଳ ଯେପରି ବିଶୁଦ୍ଧ ହୁଏ । ପିଲାଟି ଯେପରି ଏକ ସଫା ସୁତୁରା ଏବଂ ବାହାରର ସୂର୍ଯ୍ୟ କିରଣ ପଡୁଥିବା ପରିବେଶ ସହିତ ପ୍ରସ୍ତୁତ ହେଉ । ସ୍ୱାସ୍ଥ୍ୟଗତ କ୍ଷେତ୍ରକୁ ଦେଖିଲେ କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାସିଂମେସିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି । କିନ୍ତୁ ଏହା ଆଦୌ ଠିକ୍ ନୁହେଁ । କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି । ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ । ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନା ଛୁଇଁ, ଶାଗ ଦେଇପାରନ୍ତି । ଗାଜର, ବିଟ୍ ବି ଭଲ ।

ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ । ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ । ପିଲାମାନଙ୍କ ପାଇଁ ଚୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ । ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ । ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ ।

ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତି ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ, ଏ ଦିଗକୁ ପରିବାରର ମୁଖ୍ୟ ମଧ୍ୟ ଦେଖନ୍ତୁ । ପିଲାମାନଙ୍କୁ ଉତ୍ତମ ପୋଷଣ ଦେବା କ୍ଷେତ୍ରରେ ଅନେକ ସମୟରେ ଆମେ ଅନେକ ଅନ୍ଧବିଶ୍ୱାସ, କୁସଂସ୍କାର, କାନକୁହା କଥା, ସୋସିଆଲ ମିଡ଼ିଆର ଗୁଜବକୁ ନେଇ ଅନେକ ଅଘଟଣ କେବଳ ସୃଷ୍ଟି କରିନଥାଏ ଅନେକଙ୍କର ଜୀବନ ମଧ୍ୟ ନେଇଯାଇଥାଏ ।

ତେଣୁ କୌଣସି ପରିସ୍ଥିତିରେ ଏପରି ବ୍ୟବସ୍ଥାକୁ ବିଶ୍ୱାସ କରନ୍ତୁ ନାହିଁ କି ଅନ୍ୟମାନଙ୍କୁ ପ୍ରସାରଣ କରି ଏ ସମାଜର ଅମଙ୍ଗଳ କରନ୍ତୁନାହିଁ । ନିଜ ଜୀବନ ନିର୍ବାହ ମଧ୍ୟରେ ପିଲାମାନଙ୍କ ପୋଷଣ ତତ୍ତ୍ୱର ଦାୟିତ୍ୱ ମାଆମାନଙ୍କ ଉପରେ ଛାଡ଼ିଦେଲେ ମଧ୍ୟ ହେବନାହିଁ ଏ କ୍ଷେତ୍ରରେ ବାପାଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏକ ଇଷ୍ଟ ସମର୍ପଣଧର୍ମୀ ପରିବାରର ଦମ୍ପତିଙ୍କ ଦିବ୍ୟ ଓ ଉତ୍ତମ ପୋଷଣ ତତ୍ତ୍ୱର ଚେତନା ନିଶ୍ଚିତ କେବଳ ସେମାନଙ୍କ ଆଗାମୀ ପିଢି ପାଇଁ ନୁହଁ ବରଂ ସମାଜର ସମସ୍ତଙ୍କର ପ୍ରେରଣା ବାର୍ତ୍ତା ହେବ ।

କଟକ, ମୋ: ୯୪୩୭୨୨୫୪୯୨

# ଇ-୨୦ କୁ ନେଇ ଆଶା ଓ ଆଶଙ୍କା

## ଶ୍ରୀବସ୍ତ ନାୟକ

**"ପେଟ୍ରୋଲର ଅହେତୁକ ଚାହିଦା ଯୋଗୁଁ ପେଟ୍ରୋଲରେ ଇଥାନଲ୍ ମିଶ୍ରିତ ହେଉଛି । ତେଣୁ ଇଥାନଲ୍‌ର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଆଖୁ ମକା ଓ ଚାଉଳ ଭଳି ଫସଲକୁ ବହୁତ ମାତ୍ରାରେ ଇଥାନଲ୍ ଫ୍ୟାକ୍ଟ୍ରିକୁ ପଠାଯାଉଛି । ଯଦି ଇଥାନଲ୍ କମ୍ପାନୀଗୁଡ଼ିକ ବହୁତ ଦାମ୍ ଦେଇ ଆଖୁ,ମକା ଓ ଚାଉଳ କିଣି ଚାଲିବେ ତେବେ ଦୁଗ୍ଧ ଶିଳ୍ପ ଓ କୁକୁଡ଼ାମାନଙ୍କ ପାଇଁ ଖାଦ୍ୟ ମହଙ୍ଗା ହୋଇଯିବ ।"**

ପରିବେଶ ପ୍ରଦୂଷଣକୁ ରୋକିବା, ଜୈବ ଇନ୍ଧନର ବ୍ୟବହାର କରି ପେଟ୍ରୋଲ ଦରକୁ ନିୟନ୍ତ୍ରଣ କରିବା,ଅଶୋଧିତ ତୈଳ ଆମଦାନିକୁ ହ୍ରାସ କରିବା ଏବଂ କୃଷକଙ୍କ ଆୟ ବୃଦ୍ଧି କରି କୃଷିକ୍ଷେତ୍ରକୁ ସମୃଦ୍ଧ କରିବାର ଆଶା ନେଇ ଏକ ଆକାଂକ୍ଷୀ ଓ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ସ୍ୱରୂପ ଭାରତ ସରକାର ଇ-୨୦ ମିଶ୍ରିତ ପେଟ୍ରୋଲ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେବାପରେ ଭାରତୀୟ ଶକ୍ତି କ୍ଷେତ୍ରରେ ଇ-୨୦ ପେଟ୍ରୋଲ ଅର୍ଥାତ୍ ଏକ ଲିଟର ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୁଗର ଅୟମାରମ୍ଭ ହୋଇଛି । ସରକାରୀ ସ୍ତରରେ ଏହାକୁ ଏକ ବଡ଼ ସଫଳତା ଏବଂ ସବୁଜ ଭବିଷ୍ୟତ ଆଡ଼କୁ ଏକ ମାଇଲଖୁଣ୍ଟ ଭାବେ ଦେଖାଯାଉଥିବା ବେଳେ, ଗ୍ରାହକ ଏବଂ ଗାଡ଼ି ମାଲିକଙ୍କ ମଧ୍ୟରେ ଏହାକୁ ନେଇ ଅସନ୍ତୋଷ ଓ ବିବାଦ ବୃଦ୍ଧି ପାଇବାରେ ଲାଗିଛି ।

ସରକାରଙ୍କର ଏହିଭଳି ନିଷ୍ପତ୍ତି ଉପଭୋକ୍ତାଙ୍କ ମନରେ ଯେଉଁ ଆଶଙ୍କା ସୃଷ୍ଟି କରିଛି ତାହାକୁ ଦୂରକରିବା ସରକାରଙ୍କର ଏକ ନୈତିକ କର୍ତ୍ତବ୍ୟ । ଉପଭୋକ୍ତାଙ୍କ ମନରୁ ଆଶଙ୍କାର କଳା ବାଦଲକୁ ହଟାଇ ତାଙ୍କର ଆସ୍ଥାଭାଜନ ହୋଇପାରିଲେ ସରକାରଙ୍କର 'ଇ-୨୦' ମିଶନ ସମ୍ପୂର୍ଣ୍ଣ ସଫଳ ହେବ ଏଥିରେ ଦ୍ୱିମତ ନାହିଁ ।

'ଇ' ଅର୍ଥାତ୍ ଇଥାନଲ୍ । ଏକ ଲିଟର ପେଟ୍ରୋଲରେ ଇଥାନଲ୍‌ର ପରିମାଣ ୨୦ ପ୍ରତିଶତ ହେଲେ ତାହାକୁ 'ଇ-୨୦' ମିଶ୍ରିତ ପେଟ୍ରୋଲ ବୋଲି ବିବେଚନା କରାଯାଏ । ଇଥାନଲ୍ ହେଉଛି ଆଖୁ ରସ,ମିଠା ବିଟ,ପଚା ଆଳୁ,ଯଅ,ମକା ଏବଂ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟରୁ ପ୍ରସ୍ତୁତି ଏକ ଜୈବ ଇନ୍ଧନ । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ବିଶ୍ୱରେ ଉତ୍ପାଦିତ ଇଥାନଲ୍‌ର ୮୦ ପ୍ରତିଶତ ଆମେରିକା ଓ ବ୍ରାଜିଲରୁ ହୋଇଥାଏ । ସରକାରୀ ସ୍ତରରେ ଇଥାନଲ୍ ଉତ୍ପାଦନକୁ ପ୍ରୋତ୍ସାହନ ଦେବାପରେ ଭାରତ ଇଥାନଲ୍ ଉତ୍ପାଦନରେ ବିଶ୍ୱରେ ତୃତୀୟ ସ୍ଥାନ ଗ୍ରହଣ କରିଛି ।

ଆମ ଦେଶରେ ଉତ୍ପାଦିତ ଇଥାନଲ୍‌ର ୪୫ ପ୍ରତିଶତ ମକାରୁ,୨୫ ପ୍ରତିଶତ ଆଖୁ ରସରୁ ଏବଂ ବାକି ୩୦ ପ୍ରତିଶତ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟରୁ ଉତ୍ପାଦିତ ହୋଇଥାଏ । ପ୍ରଥମ କରି ୧୯୭୫ ମସିହାରେ ବ୍ରାଜିଲ ଏହି ଜୈବ ଇନ୍ଧନ ଇଥାନଲ୍‌କୁ ପେଟ୍ରୋଲରେ ମିଶ୍ରିତ କରି ନିଜ ଦେଶରେ ଚାଳିତ ଗାଡିଗୁଡିକରେ ବ୍ୟବହାର କରି ବିଶ୍ୱରେ ଅନ୍ୟଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିଲା । ପର୍ଯ୍ୟାୟକ୍ରମେ ଇ-୧୦,ଇ-୧୫,ଏବଂ ସର୍ବାଧିକ ଇ-୨୭ ମିଶ୍ରିତ ପେଟ୍ରୋଲ ବହୁଳମାତ୍ରାରେ ବ୍ରାଜିଲରେ ବ୍ୟବହର ହେଉଥିବାର ନଜର ରହିଛି । ପରବର୍ତ୍ତୀ ସମୟରେ ବ୍ରାଜିଲ ପରେ ବିଶ୍ୱର ଅନେକ ଦେଶ ତଥା କାନାଡ଼ା,ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଚୀନ, ଜର୍ମାନୀ, ସ୍ୱେଡେନ, ପାରାଗୁଏ ଆଦି ଦେଶରେ ଇ-୨୦ ପେଟ୍ରୋଲ ମଧ୍ୟ ବ୍ୟବହୃତ ହେଉଛି ।

ବିକଶିତ ଦେଶଗୁଡିକର ଅଭିଜ୍ଞତା ଓ ଆଧୁନିକ ଜ୍ଞାନକୌଶଳକୁ ଅନୁକରଣ କରି ଆମ ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର କରିବା ପାଇଁ ସରକାର ଚିନ୍ତା ପ୍ରକଟ କରିଥିଲେ । ତୈଳ ବିପଣନ କମ୍ପାନୀ, ଯାନ ନିର୍ମାଣ କମ୍ପାନୀ ଓ କେନ୍ଦ୍ର ସରକାର ମିଳିତ ଭାବରେ ଅଟୋମୋଟିବ ରିସର୍ଚ୍ଚ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଇଣ୍ଟରନାଲ୍ ସେଣ୍ଟର ଫର୍ ଅଟୋମୋଟିବ ଟେକ୍ନୋଲୋଜି ମାଧ୍ୟମରେ ଇଞ୍ଜିନର ସ୍ଥାୟିତ୍ୱ, ଉପାଦାନ ସୁସଙ୍ଗତ ଓ ପ୍ରଦୂଷଣ ସ୍ତରର ସମ୍ପୂର୍ଣ୍ଣ ପରୀକ୍ଷା ଏବଂ ଯାଞ୍ଚ ପରେ ୨୦୨୩ ଫେବ୍ରୁଆରି ୬ ତାରିଖରେ ଇଥାନଲ୍ ମିଶ୍ରିତ ଇ-୨୦ ପେଟ୍ରୋଲ ବିକ୍ରି କରିବା ପାଇଁ ତୈଳ ବିପଣନ କମ୍ପାନୀଗୁଡିକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ହାତଗଣତି କେତୋଟି ପେଟ୍ରୋଲ ପମ୍ପରେ ଇ-୨୦ ଉପଲବ୍ଧ ହେଉଥିଲା । କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ଯୁଦ୍ଧର ଭୟାବହତା ଓ ପେଟ୍ରୋଲର ଅହେତୁକ ଚାହିଦାକୁ ଆଖି ଆଗରେ ରଖି ୨୦୨୬ ମସିହା ଏପ୍ରିଲ ମାସରୁ ବାଧ୍ୟତାମୂଳକ ଭାବେ ଇ-୨୦ ମିଶ୍ରିତ ପେଟ୍ରୋଲକୁ ବିକ୍ରି କରିବାପାଇଁ ତୈଳ କମ୍ପାନୀଗୁଡ଼ିକ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ରସରକାର । ଅଧୁନା କିଛି ପ୍ରିମିୟମ୍ ତୈଳ ଟାଙ୍କିକୁ ଛାଡିଦେଲେ ଅଧିକାଂଶ ଟାଙ୍କିରେ ଇ-୨୦ ପେଟ୍ରୋଲ ଉପଲବ୍ଧ ହେଉଅଛି । ସରକାରଙ୍କ ମତ ଅନୁସାରେ ଦେଶର ଇନ୍ଧନ ସୁରକ୍ଷା କରିବା, ବୈଦେଶିକ ମୁଦ୍ରା ସଞ୍ଚୟ କରିବା ଓ ପରିବେଶ ସୁରକ୍ଷା ଲାଗି ଇଥାନଲ ମିଶ୍ରଣ ଉଚିତ ପଦକ୍ଷେପ । ୨୦୧୪ ମସିହାରେ ଭାରତରେ ପ୍ରଥମେ ୫% ଇଥାନଲ ମିଶ୍ରଣକୁ ଅନୁମୋଦନ ମିଳିଥିଲା । ବର୍ତ୍ତମାନ ଏହା ୨୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିଛି । ତେବେ ଆଗକୁ ସରକାର ୨୦ ପ୍ରତିଶତରୁ ୮୦ ପ୍ରତିଶତ ଇଥାନଲ ମିଶ୍ରଣ କରିବାକୁ ଟାର୍ଗେଟ୍ ରଖିଛନ୍ତି ।

କିନ୍ତୁ ଏ ସବୁ ସତ୍ତ୍ୱେ ଉପଭୋକ୍ତାମାନଙ୍କ ମନରେ ଏହାକୁ ନେଇ ଅନେକ ଆଶା ଓ ଆଶଙ୍କା ସୃଷ୍ଟି ହେଉଛି । ସାଧାରଣର ଖାଉଟିମାନେ ଯଦିଓ ଇ-୨୦ ପେଟ୍ରୋଲ ବ୍ୟବହାର କରୁଛନ୍ତି ତଥାପି ଏହାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ଅଛନ୍ତି । ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ଅନୁଯାୟୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ୩ ରୁ ୫ ପ୍ରତିଶତ ମାଇଲେଜ କମିଥାଏ । କିନ୍ତୁ ଏହା ପାଖାପାଖି ୧୦ ପ୍ରତିଶତ କମୁଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଉଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ଦାୟାର କରାଯାଇଛି । ଅଟୋମୋବାଇଲ୍ ରିସର୍ଚ୍ଚ ଆସୋସିଏସନ୍ ଅଫ୍ ଇଣ୍ଡିଆର ଏକ ସ୍ୱେଶାଲ୍ ଷ୍ଟଡିରୁ ଜଣାପଡ଼ିଛି ଯେ, ଯେଉଁ ଗାଡ଼ିଗୁଡ଼ିକ କେବଳ ଇ୧୦ ଇନ୍ଧନରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଅଛି, ସେଥିରେ ଯଦି ଇ-୨୦ ପେଟ୍ରୋଲ୍ ବ୍ୟବହାର କରାଯାଏ ତେବେ ଇଞ୍ଜିନର ରବର ପାର୍ଟସ୍‌ଗୁଡ଼ିକ ଖରାପ ହୋଇଯିବାର ଆଶଙ୍କା ରହିଛି । ଏହି ରିପୋର୍ଟ ଅନୁସାରେ, ଇ୧୦ ଅନୁକୂଳ ପୁରୁଣା ଗାଡ଼ିଗୁଡ଼ିକରେ ଇ-୨୦ ପେଟ୍ରୋଲ୍ ପକାଇବା ଦ୍ୱାରା ଇଞ୍ଜିନ ଭିତରେ ଥିବା ହୋଜ୍, ଗାସ୍କେଟ୍, ସିଲ୍ ଏବଂ ଓରିଙ୍ଗ୍ ଭଳି ଜରୁରୀ ରବର କମ୍ପୋନେଣ୍ଟଗୁଡ଼ିକ ଧୀରେ ଧୀରେ ନଷ୍ଟ ହୋଇଯାଏ । ଏଭଳି ପରିସ୍ଥିତିରେ ଗାଡ଼ିର କାର୍ଯ୍ୟଦକ୍ଷତା ଠିକ୍ ରଖିବା ପାଇଁ ଚାଳକମାନଙ୍କୁ ନିଜ ଗାଡ଼ିର ଏହି ସମସ୍ତ ପାର୍ଟସକୁ ବଦଳାଇବାକୁ ପଡ଼ିପାରେ ।

ରିପୋର୍ଟରେ ମଧ କୁହାଯାଇଛି ଯେ, ୨୬୫ ଘଣ୍ଟାର ଟେଷ୍ଟିଂ ପରେ ବିଏସ୍ ୬ ମାନଦଣ୍ଡର ଟର୍ବୋଚାର୍ଜଡ୍ ଇଞ୍ଜିନରେ ମଧ କିଛି ସମସ୍ୟା ଦେଖିବାକୁ ମିଳିଥିଲା । ଦୁଇ ଚକିଆ ଗାଡ଼ି ନିର୍ମାତା କମ୍ପାନୀଗୁଡ଼ିକ ଦ୍ୱାରା କରାଯାଇଥିବା ଟେଷ୍ଟରୁ ଜଣାପଡ଼ିଛି ଯେ, ଏହି ଇନ୍ଧନ ଦ୍ୱାରା ଗାଡ଼ିର ମେଟାଲ୍ ପାର୍ଟସ୍ ଉପରେ କୌଣସି ଖରାପ ପ୍ରଭାବ ପଡ଼ିବ ନାହିଁ । କିନ୍ତୁ ଇ୧୦ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲ ବ୍ୟବହାର କଲେ ଗାଡ଼ିଗୁଡ଼ିକରେ ପ୍ରାୟ ୨ ରୁ ୬ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ତେଲ ଖର୍ଚ୍ଚ ହୋଇଥାଏ । ଅର୍ଥାତ୍ ଏହା ଦ୍ୱାରା ଗାଡ଼ିର ମାଇଲେଜ୍ କମିଯାଏ, ଯାହା ଗ୍ରାହକଙ୍କ ପକେଟ୍ ଉପରେ ଅଧିକ ପ୍ରଭାବ ପକାଇବ । ଅନ୍ୟପଟରେ ଦେଖିଲେ ଇଞ୍ଜିନିୟରଙ୍କ ମତରେ ଇ-୨୦ ପେଟ୍ରୋଲ ବିଶେଷ କରି ୨୦୨୩ ଏପ୍ରିଲ ପୂର୍ବରୁ ନିର୍ମିତ ହୋଇଥିବା ଗାଡ଼ିଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ନୁହେଁ । ଗୁଗୁଲର ତଥ୍ୟ ଅନୁସାରେ ଭାରତରେ ଏବେ ପାଖାପାଖି ୮ କୋଟି ଗାଡି ଅଛି ଯାହା ବି ଏସ୍ ୪ ଇଞ୍ଜିନ ନିୟମ ଆସିବାର ଯଥେଷ୍ଟ ପୂର୍ବରୁ ନିର୍ମିତ ହୋଇଛି । ତେବେ ସେ ସବୁ ଗାଡି ଯଦି ୨୦ ପ୍ରତିଶତ ଇଥାନଲ୍ ମିଶ୍ରିତ ପେଟ୍ରୋଲରେ ଚାଲେ, ତେବେ ଗାଡିର ଇଂଜିନ୍ ଉପରେ ଚାପ ସୃଷ୍ଟି ହୋଇପାରେ । ଇଥାନଲର ଉତ୍ପାଦନ ଖର୍ଚ୍ଚ ପେଟ୍ରୋଲ ତୁଳନାରେ କମ୍ । ତା ସତ୍ତ୍ୱେ ମଧ ଇଥାନଲ ମିଶ୍ରିତ ପେଟ୍ରୋଲ ପାଇଁ ଉପଭୋକ୍ତାମାନଙ୍କୁ ପେଟ୍ରୋଲର ପୂରା ଦାମ୍ ଦେବାକୁ ପଡୁଛି । ଅର୍ଥାତ୍, ମାଇଲେଜ୍ କମୁଛି ଅଥଚ ଖର୍ଚ୍ଚ ସମାନ ରହୁଛି, ଯାହା ଗ୍ରାହକଙ୍କ ଆର୍ଥିକ ବୋଝ ବଢ଼ାଉଛି । ପେଟ୍ରୋଲରେ ଇଥାନଲ୍ ମିଶ୍ରଣର ପ୍ରଭାବ ମଧ ଏବେ ସିଧାସଳଖ ହାଣ୍ଡିଶାଳରେ ପଡ଼ିଲାଣି ।

ପେଟ୍ରୋଲର ଅହେତୁକ ଚାହିଦା ଯୋଗୁଁ ପେଟ୍ରୋଲରେ ଇଥାନଲ୍ ମିଶ୍ରିତ ହେଉଛି । ତେଣୁ ଇଥାନଲ୍‌ର ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଆଖୁ ମକା ଓ ଚାଉଳ ଭଳି ଫସଲକୁ ବହୁତ ମାତ୍ରାରେ ଇଥାନଲ୍ ଫ୍ୟାକ୍ଟ୍ରିକୁ ପଠାଯାଉଛି । ଯଦି ଇଥାନଲ୍ କମ୍ପାନୀଗୁଡ଼ିକ ବହୁତ ଦାମ ଦେଇ ଆଖୁ,ମକା ଓ ଚାଉଳ କିଣି ଚାଲିବେ ତେବେ ଦୁଗ୍ଧ ଶିଳ୍ପ ଓ କୁକୁଡ଼ାମାନଙ୍କ ପାଇଁ ଖାଦ୍ୟ ମହଙ୍ଗା ହୋଇଯିବ । ଯାହାଦ୍ୱାରା ଅଣ୍ଡା, ମାଂସ ଏବଂ ଦୁଗ୍ଧ ଜାତୀୟ ଦ୍ରବ୍ୟର ଦରଦାମ ଅହେତୁକ ମାତ୍ରାରେ ବୃଦ୍ଧି ଘଟି ମୁଦ୍ରାସ୍ଫୀତି ହେବାର ଯଥେଷ୍ଟ ସମ୍ଭାବନା ରହୁଛି । ଯାହା ଗ୍ରାହକଙ୍କ ପାଇଁ ଏକ ଚିନ୍ତାର ବିଷୟ ହୋଇଛି ।

ସରକାର ଏ ସବୁ ଉପରେ ତୁରନ୍ତ ସ୍ୱଷ୍ଟୀକରଣ ରଖିବା ଉଚିତ । ନୀତି ନିର୍ଦ୍ଧାରଣ କେବଳ କାଗଜପତ୍ର କିମ୍ବା ଭବିଷ୍ୟତର ଲକ୍ଷ୍ୟ ଉପରେ ଆଧାରିତ ହେଲେ ଚଳିବ ନାହିଁ, ବର୍ତ୍ତମାନର ସାଧାରଣ ନାଗରିକଙ୍କ ସମସ୍ୟାକୁ ମଧ୍ୟ ଧ୍ୟାନରେ ରଖିବାକୁ ପଡ଼ିବ । ପେଟ୍ରୋଲ ପମ୍ପଗୁଡ଼ିକରେ ପୁରୁଣା ଗାଡ଼ି ପାଇଁ ଇ୧୦ କିମ୍ବା ସାଧାରଣ ପେଟ୍ରୋଲ ଯୋଗାଇ ଦିଆଯାଉ । ଇଥାନଲ ମିଶ୍ରିତ ପେଟ୍ରୋଲର ମୂଲ୍ୟ କ୍ରୁଡ୍ ପେଟ୍ରୋଲ ଠାରୁ କମ୍ ରଖାଯାଉ, ଯାହାଦ୍ୱାରା କମ୍ ମାଇଲେଜ୍‌ର କ୍ଷତିପୂରଣ ଗ୍ରାହକଙ୍କୁ ମିଳିପାରିବ । ଇ-୨୦ ବ୍ୟବହାର ଦ୍ୱାରା ଗାଡ଼ିର ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନିଆଯାଇପାରିବ, ସେ ନେଇ ସରକାର ଓ ଅଟୋମୋବାଇ କମ୍ପାନୀଗୁଡ଼ିକ ମିଳିତ ଭାବେ ସ୍ୱଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବା ଆବଶ୍ୟକ । ପରିବେଶ ସୁରକ୍ଷା ଓ ସ୍ୱାବଲମ୍ବୀ ପାଇଁ ସରକାରଙ୍କର ଏଭଳି ଯୋଜନା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ, କିନ୍ତୁ ତାହା ଯେପରି ସାଧାରଣ ଖାଉଟିଙ୍କ କାନ୍ଧରେ ମହଙ୍ଗା ବୋଝ ହୋଇ ନପଡ଼େ, ସେଥିପ୍ରତି ସରକାର ତୁରନ୍ତ ଧ୍ୟାନ ଦେବା ଉଚିତ । ସରକାର ଏ ବାବଦରେ ଜନ ସଚେତନ କାର୍ଯ୍ୟକ୍ରମ କରି ଗ୍ରାହକମାନଙ୍କ ମନରୁ ଇ-୨୦ କୁ ନେଇ ଯେଉଁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି ତାହାକୁ ଦୂରୀଭୂତ କରନ୍ତୁ ।

**ଅଧ୍ୟାପକ, ବାଣିଜ୍ୟ ବିଭାଗ, ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ**

# ଆତ୍ମନିର୍ଭର ଭାରତ ପାଇଁ ହେଉ ସାମୂହିକ ସଂକଳ୍ପ

## ସୌଭାଗ୍ୟ ରଞ୍ଜନ ମହାନ୍ତି

**"ନିଶ୍ଚିତଭାବେ ପ୍ରତ୍ୟେକ ନାଗରିକଙ୍କ ନିଜସ୍ୱ ପସନ୍ଦ ଓ ଆବଶ୍ୟକତା ରହିଛି, କିନ୍ତୁ ଦେଶର ଅର୍ଥନୀତିକୁ ଶକ୍ତିଶାଳୀ କରିବାରେ ଆମ ଦୈନନ୍ଦିନ ନିଷ୍ପତ୍ତିର ମଧ ଏକ ଭୂମିକା ରହିଛି । ଭାରତର ୭.୮ ପ୍ରତିଶତ ଅଭିବୃଦ୍ଧି ଆମକୁ ଉତ୍ସାହିତ କରେ, କିନ୍ତୁ ଏହା ସହିତ ଆମକୁ ଆଉ ଏକ ବଡ଼ ଦାୟିତ୍ୱ ମନେ ରଖିବାକୁ ହେବ—ଏହି ଅଭିବୃଦ୍ଧିର ଫଳ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିବା ଦରକାର । ଚାଷୀଙ୍କ ଜୀବନରେ ସମୃଦ୍ଧି, ଶ୍ରମିକଙ୍କ ଜୀବନରେ ସୁରକ୍ଷା, ଯୁବକଙ୍କ ହାତରେ ରୋଜଗାର, ଉଦ୍ୟମୀଙ୍କ ପାଇଁ ସୁଯୋଗ ଓ ସାଧାରଣ ପରିବାର ପାଇଁ ଉନ୍ନତ ଜୀବନମାନ ନିଶ୍ଚିତ ହେଲେ ହିଁ ଅର୍ଥନୈତିକ ଅଭିବୃଦ୍ଧିର ପ୍ରକୃତ ଅର୍ଥ ସାର୍ଥକ ହେବ । ଏହି ଦୃଷ୍ଟିରୁ ଦେଖିଲେ ବିକଶିତ ଭାରତର ସ୍ୱପ୍ନ କେବଳ ଦିଲ୍ଲୀରେ ବସି ନିଆଯାଉଥିବା କୌଣସି ନିଷ୍ପତ୍ତିରେ ପୂରଣ ହେବ ନାହିଁ ।"**

ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୮ ପ୍ରତିଶତରେ ପହଞ୍ଚିବା କେବଳ ଏକ ଅର୍ଥନୈତିକ ପରିସଂଖ୍ୟାନ ନୁହେଁ, ଏହା ଭାରତୀୟ ଜନଶକ୍ତିର ସାମର୍ଥ୍ୟ, ପରିଶ୍ରମ ଓ ଆତ୍ମବିଶ୍ୱାସର ଏକ ସ୍ପଷ୍ଟ ପ୍ରତିଛବି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସଫଳତାକୁ ଦେଶର ୧୪୦ କୋଟି ନାଗରିକଙ୍କ କଠିନ ପରିଶ୍ରମ ଓ ସାମୂହିକ ସଂକଳ୍ପର ପ୍ରତିଫଳ ବୋଲି କହିଛନ୍ତି । ଏହି ମତରେ ରହିଛି ଏକ ଗଭୀର ସତ୍ୟ— ଭାରତର ଅର୍ଥନୈତିକ ଶକ୍ତି କୌଣସି ଏକ ସଂସ୍ଥା କିମ୍ବା ଏକ ବ୍ୟବସ୍ଥାର ଦାନ ନୁହେଁ; ଏହା କୋଟି କୋଟି ଚାଷୀ, ଶ୍ରମିକ, କାରିଗର, ବ୍ୟବସାୟୀ, ଉଦ୍ୟୋଗୀ, ଯୁବକଯୁବତୀ ଓ ସାଧାରଣ ନାଗରିକଙ୍କ ଦୈନନ୍ଦିନ ପରିଶ୍ରମର ମିଶ୍ରିତ ଫଳ । ବିଶ୍ୱ ଆଜି ଅନିଶ୍ଚିତତାର ଏକ କଠିନ ସମୟ ଦେଇ ଗତି କରୁଛି । ଯୁଦ୍ଧ, ଅସ୍ଥିରତା, ମହାମାରୀର ପରବର୍ତ୍ତୀ ପ୍ରଭାବ, ବାଣିଜ୍ୟିକ ଚାପ ଓ ଆନ୍ତର୍ଜାତିକ ଯୋଗାଣ ବ୍ୟବସ୍ଥାର ଅନିଶ୍ଚିତତା ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛି । ଏପରି ପରିସ୍ଥିତିରେ ଭାରତର ଦ୍ରୁତ ଅଭିବୃଦ୍ଧି ଦେଶର ଅର୍ଥନୈତିକ ଭିତ୍ତି କେତେ ଦୃଢ଼ ହୋଇଛି, ତାହାର ଏକ ଆଶାଜନକ ସଙ୍କେତ । କିନ୍ତୁ ଅଭିବୃଦ୍ଧିର ଏହି ଗତିକୁ ଅବିଚ୍ଛିନ୍ନ ରଖିବା ପାଇଁ ଆମକୁ ନିଜ ଶକ୍ତି ଉପରେ ଆହୁରି ଅଧିକ ଭରସା କରିବାକୁ ହେବ । ଏହିଠାରେ ଆତ୍ମନିର୍ଭର ଭାରତର ଚିନ୍ତାଧାରା ଏକ ନୂଆ ଦିଗ ଦେଖାଏ । ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ଦୂରେଇ ଯିବା ନୁହେଁ । ଏହାର ଅର୍ଥ ହେଉଛି ନିଜ ଦେଶର ଉତ୍ପାଦନ କ୍ଷମତା, ପ୍ରତିଭା, ପ୍ରଯୁକ୍ତି, ଉଦ୍ୟମ ଓ ମାନବ ସମ୍ପଦକୁ ଏତେ ଶକ୍ତିଶାଳୀ କରିବା, ଫଳରେ ଭାରତ ନିଜ ଆବଶ୍ୟକତା ପୂରଣ କରିବା ସହ ବିଶ୍ୱକୁ ମଧ ଉତ୍ତମ ଉତ୍ପାଦ ଓ ସେବା ଯୋଗାଇପାରିବ । ପ୍ରଧାନମନ୍ତ୍ରୀଙ୍କ ସ୍ୱଦେଶୀ ଗ୍ରହଣ ଓ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଦେବାର ଆହ୍ୱାନ ଏହି ବଡ଼ ଲକ୍ଷ୍ୟର ଏକ ଅଂଶ । ଆମେ ଯେତେବେଳେ ନିଜ ଦେଶରେ ତିଆରି ସାମଗ୍ରୀକୁ ପ୍ରାଥମିକତା ଦେଉଛୁ, ସେତେବେଳେ ଆମର ଟଙ୍କା ଦେଶର ଅର୍ଥନୈତିକ ଚକ୍ର ମଧ୍ୟରେ ଅଧିକ ସମୟ ପରିଚାଳିତ ହେବାର ସୁଯୋଗ ପାଉଛି । ଏହାର ଲାଭ ଉତ୍ପାଦକଠାରୁ ଆରମ୍ଭ କରି ଶ୍ରମିକ, ପରିବହନକାରୀ, ବ୍ୟବସାୟୀ ଓ ସେବାଦାତା ପର୍ଯ୍ୟନ୍ତ ପହଞ୍ଚିପାରେ । ଏହି ଅର୍ଥରେ ସ୍ୱଦେଶୀ କେବଳ ଏକ ଗ୍ରହଣ ଅଭ୍ୟାସ ନୁହେଁ; ଏହା ଦେଶର ଉତ୍ପାଦନ ଓ ରୋଜଗାରକୁ ଶକ୍ତିଶାଳୀ କରିବାରେ ନାଗରିକଙ୍କ ଏକ ସଚେତନ ଅବଦାନ । ଓଡ଼ିଶା ଏହି ଅଭିଯାନରେ ଅସାଧାରଣ ଭୂମିକା ନେଇପାରେ । ଆମ ରାଜ୍ୟର ହସ୍ତତନ୍ତ, ହସ୍ତଶିଳ୍ପ, ତାଳପତ୍ର ଖୋଦେଇ, ପଥର ଓ କାଠ ଖୋଦେଇ, ଧାତୁ କାରୁକାର୍ଯ୍ୟ, ମାଟି କାମ, ବାଉଁଶ ଓ ବେତ ଶିଳ୍ପ ଭଳି ପାରମ୍ପରିକ କଳା ଆମ ସାଂସ୍କୃତିକ ପରିଚୟ ସହିତ ହଜାର ହଜାର ପରିବାରର ଜୀବିକା ସହ ଜଡ଼ିତ ।

ଓଡ଼ିଶାର ଜଣେ କାରିଗରଙ୍କ ହାତରେ ତିଆରି ହୋଇଥିବା ଏକ ସାମଗ୍ରୀ କେବଳ ଏକ ବସ୍ତୁ ନୁହେଁ; ତାହା ପଛରେ ରହିଛି ଏକ ପରିବାରର ପରିଶ୍ରମ, ଏକ ପରମ୍ପରାର ଇତିହାସ ଓ ଆମ ମାଟିର ପରିଚୟ । ତେଣୁ ସ୍ଥାନୀୟ ଉତ୍ପାଦ କିଣିବା ଅର୍ଥ ନିଜ ମାଟିର ଶ୍ରମକୁ ସମ୍ମାନ ଦେବା । ଏହା ସହିତ ଓଡ଼ିଶାର କୃଷି, ମତ୍ସ୍ୟ, ବନଜ ସମ୍ପଦ, ପର୍ଯ୍ୟଟନ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ମଧ ବଡ଼ ସମ୍ଭାବନା ରହିଛି । ଏହି ସମ୍ଭାବନାକୁ ଉଦ୍ୟମ, ପୁଞ୍ଜି, କୌଶଳ ଓ ଉନ୍ନତ ବଜାର ସହିତ ଯୋଡ଼ିଦେଲେ ଓଡ଼ିଶାର ଉତ୍ପାଦ ଦେଶର ସୀମା ଅତିକ୍ରମ କରି ବିଶ୍ୱ ବଜାରରେ ନିଜର ପରିଚୟ ଗଢ଼ିପାରିବ । ଏଠାରେ ଆମ ଯୁବପିଢ଼ିର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଆଜିର ଯୁବକଯୁବତୀ କେବଳ ଚାକିରି ଖୋଜୁଥିବା ପିଢ଼ି ନୁହନ୍ତି; ସେମାନେ ନୂଆ ଚିନ୍ତା, ନୂଆ ଉଦ୍ୟମ ଓ ନୂଆ ସମ୍ଭାବନା ସୃଷ୍ଟି କରିବାର କ୍ଷମତା ରଖନ୍ତି । ଯଦି ଆମ ଯୁବପିଢ଼ି ନିଜ ଅଞ୍ଚଳର ସମ୍ପଦକୁ ଆଧାର କରି ନୂଆ ଉଦ୍ୟମ ଗଢ଼ିବେ, ତେବେ ରୋଜଗାର ପାଇଁ ବାହାରକୁ ଯିବାର ଚାପ କମିବା ସହ ଓଡ଼ିଶା ନିଜେ ରୋଜଗାର ସୃଷ୍ଟିରେ ଏକ ବଡ଼ କେନ୍ଦ୍ର ହୋଇପାରିବ । ଆତ୍ମନିର୍ଭର ଭାରତର ସ୍ୱପ୍ନ ସଫଳ କରିବା ପାଇଁ ଦେଶୀୟ ଉତ୍ପାଦର ଗୁଣବତ୍ତାକୁ ମଧ ସର୍ବୋଚ୍ଚ ସ୍ତରକୁ ନେବା ଆବଶ୍ୟକ । କେବଳ ଦେଶୀ ବୋଲି କୌଣସି ସାମଗ୍ରୀକୁ ସମର୍ଥନ କରିବା ଦୀର୍ଘକାଳୀନ ସମାଧାନ ନୁହେଁ । ଭାରତୀୟ ଉତ୍ପାଦକୁ ଗୁଣ, ମୂଲ୍ୟ, ନୂତନତ୍ୱ ଓ ବିଶ୍ୱସନୀୟତାରେ ବିଶ୍ୱର ଶ୍ରେଷ୍ଠ ଉତ୍ପାଦ ସହ ପ୍ରତିଯୋଗିତା କରିବାକୁ ହେବ । ଏହି ଚ୍ୟାଲେଞ୍ଜକୁ ସୁଯୋଗରେ ପରିଣତ କରିବା ହିଁ ଆତ୍ମନିର୍ଭରତାର ପ୍ରକୃତ ପରୀକ୍ଷା । ବିଦେଶ ଯାତ୍ରା ସୀମିତ କରିବା, ବିଦେଶରେ ବିବାହ ଆୟୋଜନ ନ କରିବା ଓ ଅତ୍ୟାବଶ୍ୟକ ନ ହେଲେ ସୁନା କିଣିବାରୁ ବିରତ ରହିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ମଧ ଦେଶର ଧନକୁ ଦେଶୀୟ ଅର୍ଥନୀତିରେ ଅଧିକ ପରିମାଣରେ ପରିଚାଳିତ କରିବାର ଏକ ବ୍ୟାପକ ଚିନ୍ତାଧାରା ଭାବେ ଦେଖାଯାଇପାରେ । ନିଶ୍ଚିତଭାବେ ପ୍ରତ୍ୟେକ ନାଗରିକଙ୍କ ନିଜସ୍ୱ ପସନ୍ଦ ଓ ଆବଶ୍ୟକତା ରହିଛି, କିନ୍ତୁ ଦେଶର ଅର୍ଥନୀତିକୁ ଶକ୍ତିଶାଳୀ କରିବାରେ ଆମ ଦୈନନ୍ଦିନ ନିଷ୍ପତ୍ତିର ମଧ ଏକ ଭୂମିକା ରହିଛି । ଭାରତର ୭.୮ ପ୍ରତିଶତ ଅଭିବୃଦ୍ଧି ଆମକୁ ଉତ୍ସାହିତ କରେ, କିନ୍ତୁ ଏହା ସହିତ ଆମକୁ ଆଉ ଏକ ବଡ଼ ଦାୟିତ୍ୱ ମନେ ରଖିବାକୁ ହେବ—ଏହି ଅଭିବୃଦ୍ଧିର ଫଳ ସମାଜର ପ୍ରତ୍ୟେକ ବର୍ଗ ପର୍ଯ୍ୟନ୍ତ ପହଞ୍ଚିବା ଦରକାର । ଚାଷୀଙ୍କ ଜୀବନରେ ସମୃଦ୍ଧି, ଶ୍ରମିକଙ୍କ ଜୀବନରେ ସୁରକ୍ଷା, ଯୁବକଙ୍କ ହାତରେ ରୋଜଗାର, ଉଦ୍ୟମୀଙ୍କ ପାଇଁ ସୁଯୋଗ ଓ ସାଧାରଣ ପରିବାର ପାଇଁ ଉନ୍ନତ ଜୀବନ ମାନ ନିଶ୍ଚିତ ହେଲେ ହିଁ ଅର୍ଥନୈତିକ ଅଭିବୃଦ୍ଧିର ପ୍ରକୃତ ଅର୍ଥ ସାର୍ଥକ ହେବ । ଏହି ଦୃଷ୍ଟିରୁ ଦେଖିଲେ ବିକଶିତ ଭାରତର ସ୍ୱପ୍ନ କେବଳ ଦିଲ୍ଲୀରେ ବସି ନିଆଯାଉଥିବା କୌଣସି ନିଷ୍ପତ୍ତିରେ ପୂରଣ ହେବ ନାହିଁ । ଏହା ପୂରଣ ହେବ ଦେଶର ପ୍ରତ୍ୟେକ ଗାଁ, ପ୍ରତ୍ୟେକ ସହର, ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ନାଗରିକଙ୍କ ସହଭାଗିତାରେ । ଓଡ଼ିଶା ଏହି ଜାତୀୟ ଯାତ୍ରାରେ ନିଜର ଅବଦାନ ଆହୁରି ବଢ଼ାଇବାର ସମୟ ଆସିଛି । ଆମେ ଯଦି ନିଜ ଚାଷୀଙ୍କ ଉତ୍ପାଦ କିଣିବା, ନିଜ କାରିଗରଙ୍କ ହାତକୁ ସମର୍ଥନ କରିବା, ନିଜ ଯୁବପିଢ଼ିର ଉଦ୍ୟମକୁ ପ୍ରୋତ୍ସାହନ ଦେବା ଓ ଓଡ଼ିଶାର ସ୍ଥାନୀୟ ଉତ୍ପାଦକୁ ଦେଶର ବଜାରରେ ପହଞ୍ଚାଇବାରେ ସହଯୋଗ କରିବା, ତେବେ ଆତ୍ମନିର୍ଭର ଭାରତର ସଂକଳ୍ପ ଓଡ଼ିଶାର ମାଟିରେ ମଧ ଏକ ଶକ୍ତିଶାଳୀ ରୂପ ନେବ । ଆଜି ଆମକୁ ଆବଶ୍ୟକ ଏମିତି ଏକ ନାଗରିକ ଚେତନା, ଯେଉଁଠାରେ ଦେଶପ୍ରେମ କେବଳ ଭାବନାରେ ନୁହେଁ, ବରଂ କାର୍ଯ୍ୟରେ ପ୍ରକାଶ ପାଇବ । ଆମର କ୍ରୟ ନିଷ୍ପତ୍ତି, ଆମର ଉଦ୍ୟମ, ଆମର ପରିଶ୍ରମ ଓ ଆମର ସ୍ଥାନୀୟ ସମାଜ ପ୍ରତି ଦାୟିତ୍ୱ—ଏସବୁ ମିଶି ଭାରତର ଆଗାମୀ ଅର୍ଥନୈତିକ ଶକ୍ତିକୁ ଗଢ଼ିବ । ସ୍ୱାଧୀନତାର ଶତବର୍ଷ ପୂର୍ତ୍ତି ବେଳକୁ ଏକ ବିକଶିତ, ସମୃଦ୍ଧ ଓ ଆତ୍ମନିର୍ଭର ଭାରତ ଦେଖିବାର ସ୍ୱପ୍ନ ନିଶ୍ଚିତଭାବେ ବଡ଼ । କିନ୍ତୁ ବଡ଼ ସ୍ୱପ୍ନ ହିଁ ବଡ଼ ସଂକଳ୍ପକୁ ଜନ୍ମ ଦିଏ । ଆଜିର ୭.୮ ପ୍ରତିଶତ ଅଭିବୃଦ୍ଧି ଆମକୁ ସେହି ସଂକଳ୍ପ ଆହୁରି ଦୃଢ଼ କରିବାର ଅବସର ଦେଇଛି । ଦେଶର ୧୪୦ କୋଟି ଲୋକଙ୍କ ସାମୂହିକ ପରିଶ୍ରମ ଯେତେବେଳେ ଏକ ଦିଗରେ ପ୍ରବାହିତ ହେବ, ସେତେବେଳେ ଭାରତର ଅର୍ଥନୈତିକ ଶକ୍ତିକୁ ରୋକିବା ସହଜ ହେବ ନାହିଁ । ଆତ୍ମନିର୍ଭର ଭାରତର ସଂକଳ୍ପକୁ ଘରେ ଘରେ ପହଞ୍ଚାଇବା, ସ୍ଥାନୀୟ ଶ୍ରମକୁ ସମ୍ମାନ ଦେବା ଓ ଭାରତୀୟ ଉତ୍ପାଦନ ଉପରେ ଆସ୍ଥା ରଖିବା ହିଁ ଆଗାମୀ ଦିନରେ ଆମର ସବୁଠାରୁ ବଡ଼ ନାଗରିକ କର୍ତ୍ତବ୍ୟ ହୋଇପାରେ । ଏହି ସାମୂହିକ ସଂକଳ୍ପ ହିଁ ଭାରତକୁ କେବଳ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିର ଦେଶ ନୁହେଁ, ବରଂ ନିଜ ସାମର୍ଥ୍ୟ ଉପରେ ଦୃଢ଼ ଆସ୍ଥା ରଖିଥିବା ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବ ।

ମୋ-୯୪୩୭୦୯୪୩୭୯

# ଶାଳକଙ୍କ ବାରିସି ଆକ୍ରମଣରେ ଭିଣୋଇ ମୃତ

କୁଚିଣ୍ଡା, ୨ ।୯ (ନିପ୍ର):ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ପଞ୍ଚାୟତର ମସନିକାନି (ଚାରପଡା) ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଗଯାଇଛି। ସାମାନ୍ୟ କଥାକୁ ନେଇ ହୋଇଥିବା ଯୁକ୍ତିତର୍କ ଶେଷରେ ଭୟାବହ ରୂପ ନେଇଥିଲା। ସମ୍ପର୍କୀୟ ଶାଳକଙ୍କ ବାରିସି ଓ ବାଡ଼ିରେ ଆକ୍ରମଣ ଯୋଗୁଁ ଭିଣୋଇଙ୍କ ମୃତ୍ୟୁ ଘଟିଥିଲା। ମୃତକ ହେଲେ ଚାର୍ଲେସ ଲୁଗୁନ (୫୮) ଓ ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ପାତ୍ରାସ ଡାଙ୍ଗ(୫୦)। ମୃତକଙ୍କ ପୁଅ ଜାକ୍ରିୟାସ ଲୁଗୁନଙ୍କ ରିପୋର୍ଟ କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଦଫା ୧୦୩(୧)ବିଏନଏସ୍ (ନଂ.୧୩୦/୨୬) ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନରେ ଚାର୍ଲେସ ନିଜ ଘର ଦାଣ୍ଡରେ ଖଟ ବୁଣୁଥିଲେ। ଗ୍ରାମର ସମ୍ପର୍କୀୟ ଶାଳକ ପାତ୍ରାସ ଡାଙ୍ଗ ତାଙ୍କୁ ଏକ ଟାଙ୍ଗିଆ ଦ୍ୱେଷ୍ଟ ମାଗିଥିଲେ। ଚାର୍ଲେସ ଏହା ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ପାତ୍ରାସ ହାତରେ ଧରିଥିବା ବାରିସି ଓ ବାଡିରେ ଚାର୍ଲେସଙ୍କୁ ଆକ୍ରମଣ କରିଥିଲେ। ଫଳରେ ଚାର୍ଲେସଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା ଓ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମାଳୟା ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଥିଲା। ହତ୍ୟା ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସାହୁ କହିଛନ୍ତି।

# ସ୍ୱାଧୀନତାର ୮୦ ବର୍ଷ ପରେ ବି ବିକାଶ ଶୂନ !

## ନେତାଙ୍କ ପାଇଁ ଭୋଟ୍ ଲାଳସା, ଲୋକଙ୍କ ଭାଗ୍ୟରେ କେବଳ କାଦୁଅ ଆଉ ଯନ୍ତ୍ରଣା

ରେଢ଼ାଖୋଲ, ୨ ।୯ (ନିପ୍ର): ସ୍ୱାଧୀନତାର ୮୦ ବର୍ଷ ପରେ ବି ଅପହଞ୍ଚ ବିକାଶ: ରାସ୍ତା ନଥିବାରୁ ଭୋଟ୍ ବର୍ଜନ ଚେତାବନୀ ଦେଲେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବନ୍ତଲେଇ ଗାଁ ମୁଣ୍ଡାପଡ଼ାବାସୀ ଦେଶ ସ୍ୱାଧୀନତାର ୮୦ ବର୍ଷ ପୂର୍ତ୍ତି ହୋଇସାରିଥିବା ବେଳେ ଆଜିବି ବିକାଶର ବିକଳ ଚିତ୍ର ଦେଖିବାକୁ ମିଳୁଛି । ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବୁର୍ଡା ପଞ୍ଚାୟତ ବନ୍ତଲେଇରୁ ମୁଣ୍ଡାପଡ଼ାକୁ ସଂଯୋଗ କରୁଥିବା ପ୍ରାୟ ୧ କିମି ରାସ୍ତାର ଶୋଚନୀୟ ଚିତ୍ର ବିକାଶର ପ୍ରକୃତ ମୁଖା ଖୋଲିଦେଇଛି। ପ୍ରାୟ ୪୦ ବର୍ଷ ପୁରୁଣା ଏହି ଜନବସତିରେ ଆଜିଯାଏଁ ପକା କିମ୍ବା ଚଳପ୍ରଚଳ ଉପଯୋଗୀ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ । ଘଞ୍ଚ ଜଙ୍ଗଲ, ପାହାଡ଼ିଆ ରାସ୍ତା ଏବଂ ନାଳର କାଦୁଅ ପାଣି ମଧ୍ୟରେ ପ୍ରତିଦିନ ସଂଘର୍ଷ କରି ଜୀବନ ବିତାଉଛନ୍ତି ଏଠାକାର ଅଧିବାସୀ । ମୁଣ୍ଡାପଡ଼ାବାସୀଙ୍କ ନିତିଦିନିଆ ସଂଘର୍ଷ ରେ ବିପଦପୂର୍ଣ୍ଣ ଜିବା ଆସିବା ରାସ୍ତା । ସାମାନ୍ୟ ବର୍ଷା ହେଲେ ଏହି ମାଟି ରାସ୍ତା ସମ୍ପୂର୍ଣ୍ଣ କାଦୁଅମୟ ଓ ଖାଲଖମା ଭରା ହୋଇଯାଏ। ଲଗାଣ ବର୍ଷାରେ ପରିସ୍ଥିତି ଏତେ ଜଟିଳ ହୁଏ ଯେ ଗ୍ରାମବାସୀଙ୍କ ପାଇଁ ଘରୁ ପାଦ କାଢ଼ିବା ମଧ୍ୟ ଅସମ୍ଭବ ହୋଇପଡ଼େ । ରାସ୍ତାର ଦୁର୍ବିସହ ଅବସ୍ଥା ଯୋଗୁଁ ବର୍ଷାଦିନେ ପିଲାମାନେ ସ୍କୁଲ କିମ୍ବା ଅଙ୍ଗନୱାଡ଼ି ଯାଇପାରନ୍ତି ନାହିଁ, ଯାହା ସେମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛି । ଗାଁକୁ ଆମ୍ବୁଲାନ୍ସ କିମ୍ବା କୌଣସି



ଯାନବାହନ ପ୍ରବେଶ କରିପାରୁନାହିଁ। ଗୁରୁତର ରୋଗୀଙ୍କୁ ଖଟିଆ ବା କାନ୍ଧରେ ବୋହି ନେବାକୁ ପଡୁଥିବାବେଳେ ସମୟ ମଧ୍ୟରେ ଡାକ୍ତରଖାନା ନପହଞ୍ଚି ଅନେକ ସମୟରେ ମୃତ୍ୟୁମୁଖରେ ବି ପଡୁଥିବା କହିଛନ୍ତି ଗ୍ରାମବାସୀ। ଗ୍ରାମରେ ୧୦ରୁ ୧୫ଟି ପରିବାର ବସବାସ କରୁଥିବାବେଳେ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ବିପିଏଲ୍ ଚାଉଳ ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଏମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ପାଲଟିଛି । ବାରମ୍ବାର ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ଜନପ୍ରତିନିଧିଙ୍କୁ ଲିଖିତ ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ଆଜି ପର୍ଯ୍ୟନ୍ତ ମିଳିନାହିଁ ବୋଲି ଶେଷରେ ପଞ୍ଚାୟତ ସମିତି ବୈଠକରେ ଆସି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ମଧ୍ୟ ନିଜର ଦୁଃଖ ଜଣାଇଛନ୍ତି । ପ୍ରଶାସନର ଏପରି ନିଷ୍କ୍ରିୟତା ଓ ବାଦ ପଡ଼ିଥିବା ମନୋଭାବରେ ଅତିଷ୍ଠ ହୋଇ ଗ୍ରାମବାସୀ ଚରମ ନିଷ୍ପତ୍ତି ନେଇଛନ୍ତି । ଯଦି ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ନହୁଏ , ତେବେ ଆଗାମୀ ନିର୍ବାଚନରେ ଭୋଟ୍ ସମ୍ପୂର୍ଣ୍ଣ ବର୍ଜନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଉପଜିଲ୍ଲାପାଳ

ବାଙ୍କୀ, ୨।୯(ନିପ୍ର.):ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ ପାଥପୁର ଆଶ୍ରମ ବିଦ୍ୟାଳୟକୁ ବାଙ୍କୀ ଉପଜିଲ୍ଲାପାଳ ମନୋସ୍ୱିନୀ ଦାସ ପରିଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ବ୍ୟବସ୍ଥା ଓ ଚାଲୁଥିବା ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ବିଦ୍ୟାଳୟର ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଶିକ୍ଷାଦାନର ମାନ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଛାତ୍ର କଲ୍ୟାଣ ଏବଂ ଛାତ୍ରାବାସରେ ଉପଲବ୍ଧ ସୁବିଧା ସୁଯୋଗ ତଦାରଖ କରିଥିଲେ। ଏଥିସହ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କ ସାମଗ୍ରିକ ଜୀବନଯାପନ ପରିସ୍ଥିତି ସମ୍ପର୍କରେ ମଧ୍ୟ ସେ ଅନୁଧ୍ୟାନ କରିଥିଲେ।

ଏହି ଅବସରରେ ଉପଜିଲ୍ଲାପାଳ ଶିକ୍ଷକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ସହିତ ସୁସ୍ଥ, ସୁରକ୍ଷିତ, ପରିଷ୍କାର ଓ ଅନୁକୂଳ ପରିବେଶ ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚାଲୁଥିବା ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ନେଇ ମଧ୍ୟ ସେ ଆବଶ୍ୟକ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌଦାମିନୀ ଦାସ ଉପସ୍ଥିତ ଥିଲେ।

# ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ସଚେତନତା

କଣ୍ଟିଲୋ ୨ ।୯ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟରେ ପୁଲିସ ପ୍ରଶାସନ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ଥାନାଧିକାରୀ କୃତିବାସ ହରିଚନ୍ଦନ,କୋସକା ଫାଣ୍ଡି ଅଧିକାରୀ ଜୟଦେବ ରଣା, କୁମ୍ଭାରପଡା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା,ସମିତି ସଭ୍ୟ ନରେନ୍ଦ୍ର ନାଥ ଦାଶ, କୁମ୍ଭାରପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପିକା ପୂଜା ମହାପାତ୍ର,ଆଲୁମିନି କମିଟି ସଭାପତି ଅଖିଳ କୁମାର ପଣ୍ଡା, ରାମଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରମାକାନ୍ତ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗଦେଇ ନିଶା ସେବନର କୁପରିଣାମ ଓ ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହ ନିଶା ସେବନ ଠାରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କର କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସଂପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀମାନେ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସହ ଜନସାଧାରଣଙ୍କୁ ସେ ସଂପର୍କରେ ସଚେତନ କରିବାକୁ ପୁଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ନେଇ କଂଗ୍ରେସ ପକ୍ଷରୁ ଧାରଣା

କଣ୍ଟିଲୋ, ୨ ।୯ (ନି.ପ୍ର) ଖଣ୍ଡପଡ଼ା ସହରର ୧୨ ନଂ ୱାର୍ଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ଦିନ ଧରି ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଖଣ୍ଡପଡ଼ା ନଗର କଂଗ୍ରେସ ପକ୍ଷରୁ ଧାରଣା ଆରମ୍ଭ ହୋଇଥିବା ଜଣାଯାଇଛି। ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଧାରଣାକୁ ସମର୍ଥନ ଜଣାଇ ଖଣ୍ଡପଡ଼ା ସହର ୧ ନଂ ୱାର୍ଡର ବରିଷ୍ଠ କାଉନସିଲର ସରୋଜ କୁମାର ପ୍ରଧାନ, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂଗଠକ ଅମରେନ୍ଦ୍ର ମିଶ୍ର,ସଞ୍ଜୟ ପ୍ରଧାନ,ଗୋପାଳ ମହାପାତ୍ରଙ୍କ ସମେତ ଅନ୍ୟମାନେ ଧାରଣାରେ ସାମିଲ ହୋଇଥିବା ଜଣାଯାଇଛି। ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବଦା ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହେଉଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା ପରି ମୌଳିକ ସେବାରୁ ବଞ୍ଚିତ ହୋଇ ଆସୁଥିବା ଅଭିଯୋଗ ହେଉଛି। ଏପରିକି ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ




ସମସ୍ୟାର ସମାଧାନ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ନତୁବା ଲୋକ ପ୍ରତିନିଧିମାନେ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି।କ୍ରମାଗତ ଭାବେ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅଣଦେଖା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନୀରବତା ଯୋଗୁଁ ଖଣ୍ଡପଡା ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇ ଜରୁରୀକାଳୀନ ପରିସ୍ଥିତିରେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରତିବାଦରେ କଂଗ୍ରେସ ଦଳର କର୍ମୀ ଓ ସଂଗଠକମାନେ ଆନ୍ଦୋଳନକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଥିବା ବେଳେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି କଂଗ୍ରେସ କର୍ମୀମାନେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ବାଙ୍କୀର ମୌଳିକ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଭେଟିଲେ ବିଜେପି କୃଷକମୋର୍ଚ୍ଚା ସଭାପତି

ବାଙ୍କୀ, ୨।୯(ନିପ୍ର): ବାଙ୍କୀ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଓ ଲୋକଙ୍କୁ ସରକାରୀ ସୁବିଧା ସୁନିଶ୍ଚିତ କରିବା ନେଇ ବାଙ୍କୀ ଉପଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି ରାଜ୍ୟ ବିଜେପି କୃଷକମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ। ଆଲୋଚନା ସମୟରେ ରାସନକାର୍ଡ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାସନକାର୍ଡ ନଥିବା କିମ୍ବା ସମସ୍ୟା ଯୋଗୁଁ ଗରିବ, ଅସହାୟ, ଦିନମଜୁରିଆ, ଗର୍ଭବତୀ ମହିଳା ଓ ଚିକିତ୍ସାଜନିତ ସମସ୍ୟାରେ




ଥିବା ଅନେକ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା ନେଇ ସେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବି ରଖିଥିଲେ। ସେହିପରି ବାଙ୍କୀ ବ୍ଲକ ବନ୍ଦାଳ ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମରେ ଖୁଚୁରା ବିକ୍ରୟ କେନ୍ଦ୍ର ନଥିବାରୁ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଅସୁବିଧା ଭୋଗୁଥିବା କଥା ଉଠାଇଥିଲେ। ଗ୍ରାମବାସୀଙ୍କ ସୁବିଧା ପାଇଁ ସେଠାରେ ଏକ ନୂତନ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ସ୍ଥାପନ କରିବାକୁ ସେ ଦାବି କରିଥିଲେ। ଏଥିସହ କଳାପଥର ଅଞ୍ଚଳବାସୀଙ୍କ ପାଇଁ ସରକାରୀ ଅର୍ଥ ସହାୟତାରେ ଏକ ସ୍ୱର୍ଗରଥ ବ୍ୟବସ୍ଥା କରାଯାଇ, ଏହାକୁ କଳାପଥର ମୋଟର କର୍ମଚାରୀ ସଂଘ ଦ୍ୱାରା ପରିଚାଳନା କରିବାର ଯେଉଁ ଯୋଜନା ରହିଥିଲା, ତାହାର ବର୍ତ୍ତମାନ ସ୍ଥିତି ଓ କାର୍ଯ୍ୟକାରିତା ସମ୍ପର୍କରେ ମଧ୍ୟ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ଶ୍ରୀ ପାଢ଼ୀ। ବାଙ୍କୀବାସୀଙ୍କ ମୌଳିକ ସମସ୍ୟାର ସମାଧାନ ସହ ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯେପରି ସୁଗମ ଭାବେ ମିଳିପାରିବ, ସେଥିପାଇଁ ପ୍ରଶାସନିକ ସ୍ତରରେ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ।

# ୩ ଶହ ଲିଟର ମଦ ଜବତ, ୨ ଗିରଫ

ଭଦ୍ରକ, ୨ ।୯ (ନିପ୍ର): ଆଗରପଡ଼ା ପୋଲିସ ୩ଶହ ଲିଟର ଦେଶୀ ମଦ ଜବତ୍ କରିବା ସହ ଏଥିରେ ସଂପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାର ଜଣାପଡ଼ିଛି। ସୋମବାର ସୋସୋ ଥାନା ଅନ୍ତର୍ଗତ ଢେଙ୍କାରୁ ଆଗରପଡ଼ାକୁ ଚୋରା ମଦ ଗାଡ଼ି ଆସୁଥିବାର କୌଣସି ସୂତ୍ରରୁ ଖବର ପାଇ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ କର୍ମଚାରୀମାନଙ୍କ ସହ ଜଗି ରହିଥିଲେ । ଓଡି-୨୨ଜେ-୭୩୨୦ ନମ୍ବର ବିଶିଷ୍ଟ ଏକ ଡାଲା ଅଟୋକୁ ଅଟକାଇ ତନଖି କରିଥିଲେ । ସେଥିରେ ଦେଶୀ ମଦ ଲଦା ହୋଇଥିବାର ପୋଲିସ୍ ଦେଖିବାକୁ ପାଇଥିଲା । ମଦର ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ଅଟୋ ଡ୍ରାଇଭର ମନୋଜ ସା ଓ ରାଜୀବ ସାଙ୍କୁ ଗିରଫ କରିବା ସହ ୩ଶହ ଦେଶୀ ମଦ ଓ ଅଟୋକୁ ପୋଲିସ ଜବତ୍ କରିଛି ।

# ସୁବର୍ଣ୍ଣରେଖାରେ ତୃତୀୟ ବନ୍ୟା

ଜଳେଶ୍ୱର, ୨ ।୯ (ନିପ୍ର): ସୁବର୍ଣ୍ଣରେଖା ନଦୀରେ ତୃତୀୟ ଥର ପାଇଁ ବନ୍ୟା ଦେଖା ଦେଇଛି। ନଦୀର ଉପର ମୁଣ୍ଡରେ ପ୍ରବଳ ବର୍ଷା କାରଣରୁ କ୍ରମାଗତ ଭାବେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରାଜଘାଟ ଠାରେ ବିପଦ ସଂକେତ ୧୦.୩୬ ମିଟର ଥିବାବେଳେ ଅପରାହ୍ନ ୫ ଟା ସୁଦ୍ଧା ଏହା ୧୧.୭୬ ମିଟର ରେ ପ୍ରବାହିତ ହେଉଛି। ଏବଂ ଧୀରେ ଧୀରେ ତଳିଆ ଅଂଚଳରେ ପାଣି ପଶିବା ଆରମ୍ଭ ହେଲାଣି, ବିଶେଷ କରି ବାଳିଆପାଳ ବ୍ଲକର ଅସ୍ତି, ମଧୁପୁରା, ବାଳିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା ଆଦି ୫ଟି ପଞ୍ଚାୟତ ଜଳମଗ୍ନ ହୋଇଥିବା ବେଳେ ଭୋଗରାଇ ବ୍ଲକର ୨୦ରୁ ଅଧିକ ପଂଚାୟତ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଦ୍ୱିତୀୟ ବନ୍ୟା ପାଣି ଏଯାଏଁ ସମ୍ପୂର୍ଣ୍ଣ ଭାବରେ ନିଷ୍କାସନ ହୋଇ ନ ଥିଲା ବେଳେ ପୁଣି ତୃତୀୟ ବନ୍ୟା ତଳିଆ ଅଂଚଳ ଲୋକଙ୍କୁ ଭୟଭୀତ କଲାଣି, ବର୍ତ୍ତମାନ ସମୟରେ ମଧୁପୁରା ପଞ୍ଚାୟତର ଚୌଧୁରୀ କୁଦ ଗାଁ ରାସ୍ତା ଉପରେ ୨ରୁ ୩ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି।

ଲୋକମାନେ ପାଣିରେ ପଶି ଯାତାୟାତ କରୁଛନ୍ତି, ଚାଷ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥିଲା ବେଳେ ତୃତୀୟ ବନ୍ୟା ଚାଷୀର ମେରୁଦଣ୍ଡକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦେବାକୁ ବସିଛି । ବନ୍ୟା ପାଣି ବଢୁ ଥିବାରୁ ତଳିଆ ଅଞ୍ଚଳ ର ଲୋକମାନେ ଅଟା, ଶୁଖିଲାଖାଦ୍ୟ,



ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ନେଇ ଯାଉଥିବା ଦେଖିବାକୁ ମିଳିଛି।ସେହିପରି ଜଳେଶ୍ୱର, ଭୋଗରାଇ, ବାଳିଆପାଳ ବ୍ଲକର କେତେକ ସ୍ଥାନରେ ନଦୀ ବନ୍ଧ ଦୁର୍ବଳ ହୋଇ ଅତଡ଼ା ଖାସୁ ଥିବାରୁ ଓ କେତେକ ସ୍ଥାନରେ ନଦୀ ବନ୍ଧ ଭୁଶୁଡ଼ି ପଡି ଥିବାରୁ ନଦୀ କୂଳିଆ ଗ୍ରାମ ବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର କାଦରୟାଁ ନିକଟରେ ୬୦ ଫୁଟରୁ ଉର୍ଦ୍ଧ୍ୱ ନଦୀ ବନ୍ଧ ଭୁଶୁଡ଼ି ପଡି ଥିବାରୁ ପରିସ୍ଥିତି ଅଧିକ ସଂଗୀନ ହୋଇଛି। ଉକ୍ତ ଅଞ୍ଚଳ ରେ ଯଦି ନଦୀ ବନ୍ଧ ଭାଙ୍ଗି ବନ୍ୟା ପାଣି ଜନ ବସତି କୁ ପ୍ରବେଶ କରେ ତେବେ ୧୦ରୁ ଉର୍ଦ୍ଧ୍ୱ ଗାଁ ନିଶ୍ଚିହ୍ନ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ।

# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଷଷ୍ଠ ପ୍ରତିଷ୍ଠା ଦିବସ

## ଶିକ୍ଷା ଓ ପ୍ରଗତିରେ କଳାହାଣ୍ଡି ହେବ ଏକ ନମ୍ବର:ମାଳବିକା

ଭବାନୀପାଟଣା, ୨ ।୯ (ନିପ୍ର))-କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଷଷ୍ଠ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଲୋକସଭା ଏମପି ମାଳବିକା ଦେବୀ ଯୋଗଦେଇ ବିଶ୍ୱବିଦ୍ୟାଳୟ ଏବଂ ଜିଲା ପ୍ରଶାସନର ସହଯୋଗରେ କଳାହାଣ୍ଡି ଜିଲାକୁ ଶିକ୍ଷା ଓ ପ୍ରଗତୀରେ ଓଡ଼ିଶାର ୧ ନମ୍ବର ଜିଲା ଭାବେ ଗଢ଼ି ତୋଳିବା ଉପରେ ପ୍ରୟାସ କରିବି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ,ନୂଆପଡା ଜିଲାପାଳ ମଧୁସୂଦନ ଦାଶ,ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଓ କେଏପିସ ଓ ଆଇଇସିର ଅଧ୍ୟକ୍ଷ ଅବସର ପ୍ରାପ୍ତ ଆଇଏଏସ ଡ. ଅଶୋକ କୁମାର ଦଲୱାଇ ଯୋଗଦେଇଥିଲେ। ଆରମ୍ଭରେ ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ ଛାତ୍ରୀଛାତ୍ର ମାନେ ଘୁମୁରା ନୃତ୍ୟ ପରିବେଷଣ କରିଥିଲେ। ପରେ କୁଳସଚିବ ଡ. ଗୁଣନିଧି ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ଅଗ୍ରୱାଲ ନିଜ ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟର ସଫଳତା ଏବଂ ଛାତ୍ରୀଛାତ୍ରଙ୍କ ପାଇଁ 'ହାବସପୁରୀ' ହସ୍ତତନ୍ତ ଉପରେ ଏକ ନୂତନ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ବିଷୟରେ ଉଲ୍ଲେଖ କରିଥିଲେ। ପରୀକ୍ଷାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ନୂତନ କେନ୍ଦ୍ରୀୟ ମୂଲ୍ୟାୟନ ବ୍ୟବସ୍ଥା ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।ସେହିପରି କେଏପିସ ଓ ଆଇଇସିର ଅଧ୍ୟକ୍ଷ ଡ. ଦଲୱାଇ ପ୍ରତିଷ୍ଠା ଦିବସର ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ ୧୯୯୦ ଦଶକରେ କଳାହାଣ୍ଡି ଜିଲାପାଳ ଭାବେ କାର୍ଯ୍ୟ କରିବା ସମୟର ନିଜର ଅନୁଭୂତି ବାଣ୍ଟିଥିଲେ। ମାନବ ସମ୍ବଳର ଗୁରୁତ୍ୱ ତଥା ସ୍ଥାନୀୟ ଜ୍ଞାନର ସଦୁପଯୋଗ କିଭଳି ଏହି ସ୍ଥାନକୁ ଅଧିକ ସମୃଦ୍ଧ କରିପାରିବ, ସେ ବିଷୟରେ ବୁଝାଇଥିଲେ। ଏହି ପ୍ରତିଷ୍ଠା ଦିବସ ସମାରୋହରେ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ସଦସ୍ୟ, ଅବସରପ୍ରାପ୍ତ ଅଧ୍ୟକ୍ଷ, ପୁରାତନ ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀ, ଅଧ୍ୟୟନରତ ଛାତ୍ରୀଛାତ୍ର, ଅବସରପ୍ରାପ୍ତ ସରକାରୀ ଅଧିକାରୀ ଏବଂ ମାନଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।ଇତିହାସ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବାବେଳେ ଉପ-କୁଳସଚିବ ମେଜର ଡ. ଜୟଦେବ ସାହୁଙ୍କ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏମପି ମାଳବିକା ଦେବୀଙ୍କ ଦ୍ୱାରା ୩ଶହ ସିଟ ବିଶିଷ୍ଟ ଉତ୍ତେଇ ବାଳିକା ହଷ୍ଟେଲର ଉଦ୍‌ଘାଟନ ହୋଇଥିଲା।

# ତେଲେଙ୍ଗାନା ବିଜ୍ଞାନ ଏକାଡେମୀର ଫେଲୋ ଭାବେ ନିର୍ବାଚିତ ହେଲେ ଖଣ୍ଡପଡ଼ା ମାଟିର ପୁଅ ବୈଜ୍ଞାନିକ ପ୍ରଦ୍ୟୁମ୍ନ

ଖଣ୍ଡପଡ଼ା, ୨ ।୯ (ନି.ପ୍ର) ରାଜ୍ୟ ପାଇଁ ପୁଣି ଗୌରବ ଆଣିଛନ୍ତି ନୟାଗଡ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧୀନ କୁଆହରା ଗ୍ରାମର ସୁନାମଧନ୍ୟ ବିଶିଷ୍ଟ ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁମାର ସାହୁ। ସୁଦୂର ହାଇଦ୍ରାବାଦସ୍ଥିତ ବିଟ୍ସ ପିଲାନିର ଗଣିତ ବିଭାଗରେ ବରିଷ୍ଠ ପ୍ରଫେସର ଭାବେ କର୍ତ୍ତବ୍ୟରତ ବୈଜ୍ଞାନିକ ଶ୍ରୀସାହୁ ଭୌତିକ ଓ ଗଣିତ ବିଜ୍ଞାନ ବିଭାଗ ଅଧୀନରେ ତେଲେଙ୍ଗାନା ବିଜ୍ଞାନ ଏକାଡେମୀର ଫେଲୋ ଭାବେ ଏବେ ନିର୍ବାଚିତ ହୋଇଥିବା



ଜଣାଯାଇଛି। ବିଜ୍ଞାନ,ଗବେଷଣା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଅସାଧାରଣ ଦକ୍ଷତା ପ୍ରତିପାଦନ କରି ଆସୁଥିବା ବିଶିଷ୍ଟ ବୈଜ୍ଞାନିକ,ଶିକ୍ଷାବିତ ଓ ଗବେଷକମାନଙ୍କୁ ତେଲେଙ୍ଗାନା ବିଜ୍ଞାନ ଏକାଡେମୀ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।ପ୍ରଫେସର ଶ୍ରୀସାହୁ ପରିବର୍ତ୍ତିତ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ କ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ଗବେଷକ ଭାବେ ବେଶ ଜଣାଶୁଣା ଅଟନ୍ତି। ଗଣିତୀୟ ପଦାର୍ଥ ବିଜ୍ଞାନ ଓ ବ୍ରହ୍ମାଣ୍ଡ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ତାଙ୍କର ଦକ୍ଷତା ଓ ଉଲ୍ଲେଖନୀୟ ଭୂମିକା ରହିଥିବା ବେଳେ ସେ ଭାରତୀୟ ଗଣିତ ସମାଜ, ବିଶ୍ୱ ମାଧ୍ୟାକର୍ଷଣ ଓ ବ୍ରହ୍ମାଣ୍ଡ ବିଜ୍ଞାନ ସଂଘ ପରିଷଦର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଛନ୍ତି।ପୁନଶ୍ଚ ଚୀନ ବିଜ୍ଞାନ ଏକାଡେମୀ ପକ୍ଷରୁ ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ଅତିଥି ବୈଜ୍ଞାନିକ ଫେଲୋସିପ ପ୍ରଦାନ କରାଯାଇଥିବା ଜଣାପଡିଛି।

# ନାମ ପଞ୍ଜୀକରଣ କରିବାକୁ ଆସି 'ଲ୍ୟାମ୍ପ'ରେ ଚେତାଶୂନ୍ୟ ହେଲେ ଚାଷୀ

ଚମ୍ପୁଆ ,୨ ।୯ (ନିପ୍ର); ଚାଷୀ ନାମ ପଞ୍ଜିକରଣ କରିବାକୁ ଆସି ଲ୍ୟାମ୍ପରେ ଚେତାଶୂନ୍ୟ ହେଲେ ଚାଷୀ। ଚମ୍ପୁଆ ବ୍ଲକ ବ୍ରହ୍ମପୁର ଗାଁର ବଳରାମ ଗିରି ଧାନ ବିକ୍ରୀ ପାଇଁ ତିନି ଦିନ ହେବ ନାମ ପଞ୍ଜୀକରଣ କରିବାକୁ ଚମ୍ପୁଆ ଲ୍ୟାମ୍ପକୁ ଆସୁଥିଲେ ।ନାମ ପଞ୍ଜିକରଣ ପାଇଁ ସକାଳୁ ଆସି ପ୍ରତିଦିନ ରାତିରେ ଘରକୁ ଫେରୁଥିବା ବେଳେ ତାଙ୍କ ଦେହ ଅସୁସ୍ଥ ହେବାରୁ ଆଜି ଲ୍ୟାମ୍ପ ସମ୍ମୁଖରେ ହଠାତ୍ ଅଚେତ ହୋଇ ପଡିଯାଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଅନ୍ୟ ଚାଷୀ ଚମ୍ପୁଆ ଡାକ୍ତର ଖାନା ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।

ନାମ ପଞ୍ଜୀକରଣ କରିବାକୁ ଦୈନିକ ଶହଶହ ଚାଷୀ ରାତି ଅଧାରୁ ଚମ୍ପୁଆ ଲ୍ୟାମ୍ପ ସମ୍ମୁଖରେ ଭିଡ଼ ଜମାଇଥିବା ବେଳେ ପ୍ରତିଦିନ ରାତିସାରା ବହୁ ଚାଷୀ ଲ୍ୟାମ୍ପ ବାରଣ୍ଡାରେ ରାତି କରାଉଥିବା ଦେଖିବାକୁ ମିଳୁଛି। ତେବେ ଗତ ତିନିଦିନ ଧରି ବଳରାମ ଲ୍ୟାମ୍ପ କୁ ନାମ ପଞ୍ଜୀକରଣ କରିବାକୁ ଆସି ଅସୁସ୍ଥ ହୋଇ ପଡିଥିଲେ । ତେବେ ଆଇ ସ୍କାନ ପାଇଁ ତାଙ୍କ ଉପସ୍ଥିତ ଜରୁରୀ ଥିବାରୁ ଅସୁସ୍ଥ ଥିବା ସତ୍ତ୍ୱେ ଆଜି ସକାଳୁ ଲ୍ୟାମ୍ପ ଆସିଥିଲେ। ତେବେ ଲ୍ୟାମ୍ପ ରେ ଧାଡ଼ି ରେ ଛିଡା ହୋଇ ଥିବା ବେଳେ ସେ ହଠାତ୍ ଚେତାଶୂନ୍ୟ ହୋଇଯାଇଥିଲେ ।ଉପସ୍ଥିତ ଥିବା ଲୋକମାନେ ତାଙ୍କୁ ତୁରନ୍ତ ଚମ୍ପୁଆ ଡାକ୍ତରଖାନା କୁ ନେଇଗଲେ, ଏବେ ସୁସ୍ଥ ଥିବା ଜଣା ପଡିଛି।

# ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ସଚେତନତା

ଭଦ୍ରକ, ୨ ।୯ (ନିପ୍ର); ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ଶିଳ୍ପ କେନ୍ଦ୍ର ଭଦ୍ରକ ପକ୍ଷରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଳ୍ପକେନ୍ଦ୍ରର ଅତିରିକ୍ତ ଶିଳ୍ପ ଅଧିକାରୀ ଅନୁପମ ଦାସ, ସହକାରୀ ଶିଳ୍ପ ଅଧିକାରୀ ଦୀପ୍ତିମୟୀ ସାହୁ, ଜିଲ୍ଲାସ୍ତରୀୟ ତାଲିମଦାତା ଶଶିଶେଖର ବେହେରା, ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସରପଞ୍ଚ ସୁଭଦ୍ରା ସିଂହ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ଉଦ୍ୟୋଗୀମାନଙ୍କୁ ସରକାରଙ୍କ ତରଫରୁ ଉପଲବ୍ଧ ବିଭିନ୍ନ ଉନ୍ନତିମୂଳକ ଯୋଜନା ଏବଂ ସହାୟତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନ କରାଯାଇଥିଲା ।

# ମା' ମଝିଘରିଆଣୀ ମନ୍ଦିର ନିକଟସ୍ଥ ଡମ୍ପିଂ ୟାର୍ଡରେ ଲିଗାସି ବର୍ଜ୍ୟବସ୍ତୁର ବାୟୋ-ମାଇନିଂ କାର୍ଯ୍ୟ ଶୁଭାରମ୍ଭ

ରାୟଗଡ଼, ୨ ।୯ (ନିପ୍ର): ରାୟଗଡ଼ ସହରକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ କରିବା ଲକ୍ଷ୍ୟରେ ରାୟଗଡ଼ ପୌରପରିଷଦ ପକ୍ଷରୁ ମା' ମଝିଘରିଆଣୀ ମନ୍ଦିର ନିକଟସ୍ଥ ପୁରୁଣା ଡମ୍ପସାଇଟ୍‌ରେ ଜମା ହୋଇ ରହିଥିବା ପୁରୁଣା ଆବର୍ଜନା (ଲିଗାସି ୱେଷ୍ଟ)ର ବାୟୋ-ମାଇନିଂ ପ୍ରକଳ୍ପ ଆଜି ପୂର୍ବାହ୍ନ ୧୧:୦୦ ଘଟିକା ସମୟରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି।

ଏହି ପ୍ରକଳ୍ପର ନାମ : ମା' ମଝିଘରିଆଣୀ ମନ୍ଦିର ନିକଟସ୍ଥ ଡମ୍ପସାଇଟ୍‌ରେ ଥିବା ଲିଗାସି ବର୍ଜ୍ୟବସ୍ତୁର ବାୟୋ-ମାଇନିଂ, ଏହାର ବିଜ୍ଞପ୍ତି ସଂଖ୍ୟା ଓ ତାରିଖ: ୮୯୮୮ ତା ୧୧.୦୯.୨୦୨୫, ଏହି କାର୍ଯ୍ୟ ପାଇଁ ମୋଟ ତିନି ଜଣ ଘରୋଇ ସଂସ୍ଥା ଆବେଦନ ପତ୍ର ଦାଖଲ କରିଥିଲେ ସେଥିମଧ୍ୟରୁ ଝନେଶ୍ୱର୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଉପଯୁକ୍ତ ପ୍ରକ୍ରିୟାରେ ମନୋନୀତ କରାଯାଇ ତା ୨୧.୪.୨୦୨୬ ରିଖରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି ଉଦ୍‌ଘାଟନୀ ଉତ୍ସବରେ ରାୟଗଡ଼ ଜିଲ୍ଲା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରକଳ୍ପର ଉଦ୍ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ନଗର ଉନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ



କୁମାର ଖେମୁଣ୍ଡୁ , ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ରାୟଗଡ଼ ପୌରପରିଷଦର ଅଧ୍ୟକ୍ଷ ପି ମହେଶ ପଟନାୟକ କାର୍ଯ୍ୟନିର୍ବାହୀ ଅଧିକାରୀ କୁଲଦୀପ କୁମାର, ସମସ୍ତ ୱାର୍ଡ ପାରିଷଦ ବର୍ଗ ତଥା ପୌର କର୍ମଚାରି ମାନେ ଉପସ୍ଥିତ ଥିଲେ । ଉପସ୍ଥିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବାୟୋ-ମାଇନିଂ କାର୍ଯ୍ୟର ଶୁଭାରମ୍ଭ କରିବା ସହ ଏଜେନ୍ସିକୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବାୟୋ-ମାଇନିଂ ପ୍ରକ୍ରିୟା ଦ୍ୱାରା ବର୍ଷ ବର୍ଷ ଧରି ଜମା ହୋଇ ରହିଥିବା ଆବର୍ଜନାର ବୈଜ୍ଞାନିକ ପଦ୍ଧତିରେ ପୃଥକୀକରଣ ଓ ପୁନଃଚକ୍ରଣ କରାଯାଇ ସମ୍ପୃକ୍ତ ଜମିକୁ ଆବର୍ଜନାମୁକ୍ତ କରାଯିବ। ଏହି ବାୟୋ-ମାଇନିଂ ପ୍ରକ୍ରିୟାରେ ପାଖାପାଖି ମୋଟ ୬୦୦୦୦ ମେଟ୍ରିକ ଟନ ପୁରୁଣା ଆବର୍ଜନା ପରିଚାଳନା କରାଯିବ । ଏହି କାର୍ଯ୍ୟ ୪ ରୁ ୬ ମାସ ମଧ୍ୟରେ ସାରିବା ପାଇଁ ଉପୋରୋକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଅଛି। ଏହି ପ୍ରକ୍ରିୟାରେ ବାହାରୁଥିବା ଆର.ଡି.ଏଫ ବର୍ଜ୍ୟ କୁ ସିମେଣ୍ଟ କାରଖାନାକୁ ପଠାଇ ଦିଆଯିବ ଏବଂ ଏଥିରୁ ବାହାରୁଥିବା ଓଦା ବର୍ଜ୍ୟକୁ ଲ୍ୟାଣ୍ଡ ଫିଲିଙ୍ଗ ପାଇଁ ବ୍ୟବହାର କରାଯିବ । ଏହି କାର୍ଯ୍ୟ ସଫଳତାର ସହ ସମ୍ପାଦନ ହେବା ପରେ ପୁନଶ୍ଚ କୌଣସି ଡମ୍ପିଂ ୟାର୍ଡ ସୃଷ୍ଟି କରାନଯାଇ ସମସ୍ତ ବର୍ଜ୍ୟବସ୍ତୁ ସମ୍ପଦ କେନ୍ଦ୍ରରେ ପ୍ରକ୍ରିୟାକରଣ କରାଯିବ ।

ମଝିଘରିଆଣୀ ମନ୍ଦିର ନିକଟସ୍ଥ ପୁରୁଣା ଡମ୍ପସାଇଟ୍ ?କୁ ପୁନଃ ବ୍ୟବହାର ଉପୋଯୋଗୀ କରାଯିବ ଏବଂ ଏହି ସ୍ଥାନକୁ ମା' ମଝିଘରିଆଣୀ ମନ୍ଦିର ଶୋଭା ବର୍ଦ୍ଧନ ନିମିତ ପ୍ରକଳ୍ପ ପାଇଁ ବ୍ୟବହାର କରାଯିବ ବୋଲି ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ମତବ୍ୟକ୍ତ କରିଛନ୍ତି । ଏହାଦ୍ୱାରା ମନ୍ଦିର ଆଖପାଖ ପରିବେଶ ସ୍ୱଚ୍ଛ ରହିବା ସହ ସହରବାସୀ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ପାଇପାରିବେ।

# ଜିତେନ୍ଦ୍ର ମିଶ୍ରା ରାମ ମନ୍ଦିର ନୂଆ ସିଇଓ



ନୂଆଦିଲ୍ଲୀ, ୨।୯ : ବୁଧବାର ଦିନ ଅଯୋଧାରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରଥମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି । ତାଙ୍କ ସହିତ ପୂର୍ବତନ ଆଇପିଏସ ଅଧିକାରୀ ରାଜେଶ ପାଣ୍ଡେ ଏବଂ ପୂର୍ବତନ ଆଇଏଏସ ଅଧିକାରୀ ଦିନେଶ ଚନ୍ଦ୍ର ଏହି ପଦବୀ ପାଇଁ ପ୍ରମୁଖ ଦାବିଦାର ଥିଲେ । ମହନ୍ତ ନୃତ୍ୟ ଗୋପାଳ ଦାସଙ୍କ ଅଧ୍ୟକ୍ଷତାରେ ଅଯୋଧାର ମଣିରାମ ଦାସ ଛାଉଣୀରେ ଅନୁଷ୍ଠିତ ଟ୍ରଷ୍ଟର ଏକ ବୈଠକରେ ସର୍ବସମ୍ମତିକ୍ରମେ ଜିତେନ୍ଦ୍ର ମିଶ୍ରଙ୍କୁ ଅଯୋଧାରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ମୁଖ୍ୟ ଭାବରେ ନିଯୁକ୍ତ କରିବାର ନିଷ୍ପତ୍ତି ନିଆଯାଇଛି । ଟ୍ରଷ୍ଟର ବରିଷ୍ଠ ପଦାଧିକାରୀ ଏବଂ ନିମନ୍ତ୍ରିତ ସଦସ୍ୟମାନେ ବୈଠକରେ ଯୋଗ ଦେଇଥିଲେ ।ଏୟାର ମାର୍ଶଲ ଜିତେନ୍ଦ୍ର ମିଶ୍ର ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ବାୟୁ ଅଧିକାରୀ । ସେ ଏୟାର ଅଫିସର କମାଣ୍ଡିଂ-ଇନ୍, ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ ଭାବରେ କାର୍ଯ୍ୟ କରିଥିଲେ ।

# ସିନାଇରେ ଯାତ୍ରୀବାହୀ ବସ୍ ଓଲଟି ୧୬ ମୃତ, ୨୮ ଆହତ

କାଇରୋ, ୨।୯ : ଇଜିପ୍ଟର ଦକ୍ଷିଣ ସିନାଇରେ ବୁଧବାର ଏକ ଯାତ୍ରାବାହୀ ବସ୍ ଓଲଟି ପଡିଛି । ଦହାବ-ନୁଭୈବା ରାସ୍ତାରେ ଏହି ଦୁର୍ଘଟଣା ଘଟିଛି । ଫଳରେ ୧୬ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୮ ଜଣ ଗୁରୁତର ଆହତ ହୋଇଛନ୍ତି । ଇଜିପ୍ଟ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏହି ଦୁର୍ଘଟଣାର ପୁଷ୍ଟି କରିଛି । ଏହି ଦୁର୍ଘଟଣା ଲୋହିତ ସାଗର ଉପକୂଳ ନିକଟରେ ଘଟିଛି । ଲୋହିତ ସାଗର ପର୍ଯ୍ୟଟଙ୍କ ମଧ୍ୟରେ ବେଶ୍ ଲୋକପ୍ରୀୟ ଓ ଏହା ଏକ ବ୍ୟସ୍ତତମ ଅଞ୍ଚଳ ଭାବେ ଜଣାଶୁଣା । ତେବେ କେଉଁ କାରଣରୁ ବସ୍ ଦୁର୍ଘଟଣା ଘଟିଛି ତାର ଯାଞ୍ଚ ଆରମ୍ଭ ହୋଇଛି ।ରାସ୍ତାରେ ବସ୍ ଓଲଟି ପଡିବା ସୂଚନା ମିଳିବା ମାତ୍ରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳକୁ ପହଞ୍ଚିବା ସହ ଉଦ୍ଧାର ଅଭିଯାନ ହାତକୁ ନେଇଥିଲେ । ଆହତମାନଙ୍କୁ ଉଦ୍ଧାର ପରେ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି । ଇଜିପ୍ଟର ବଡ଼ ଧରଣର ସଡ଼କ ଦୁର୍ଘଟଣା କିଛି ନୂଆ କଥା ନୁହେଁ । ଠିକ୍ ମାସକ ପୂର୍ବରୁ ଏହିଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା ।

# ନେପାଳ ବନ୍ୟା ପୀଡ଼ିତଙ୍କୁ ସୋନୁ ସୁଦ୍‌ଙ୍କ ରିଲିଫ୍ ବଣ୍ଟନ



କାଠମାଣ୍ଡୁ, ୨।୯ : ବନ୍ୟା ପୀଡ଼ିତଙ୍କ ସହାୟତା ପାଇଁ ବଲିଉଡ୍ ଅଭିନେତା ସୋନୁ ସୁଦ୍ ନେପାଳରେ ପହଞ୍ଚିଛନ୍ତି । ବୁଧବାର ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସେ ମଙ୍ଗଳବାର ନେପାଳରେ ପୀଡ଼ିତଙ୍କୁ ଭେଟିବା ସହ ରିଲିଫ୍ କାର୍ଯ୍ୟରେ ସାମିଲ ହୋଇଛନ୍ତି । ସୋନୁ ସୁଦ୍ ନେପାଳରେ ପହଞ୍ଚିବା ପରେ ସେଠାକାର ଲୋକଙ୍କ ସହ ଫଟୋ ମଧ୍ୟ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି । ସେ ପୀଡ଼ିତମାନଙ୍କୁ ପୁଣି ନୂଆ ଜୀବନ ଆରମ୍ଭ କରିବାରେ ସହଯୋଗ କରିବେ ବୋଲି କହିଛନ୍ତି । ସୋନୁ ସୁଦ୍ କହିଛନ୍ତି, ବନ୍ୟାରେ ଲୋକେ ଘର, ପରିବାର ଓ ନିଜ ପିଲାଦିନର ସ୍ମୃତି ହରାଇଛନ୍ତି । ଏହି କଷ୍ଟଦାୟକ ସମୟରେ ନେପାଳ ଏକା ନୁହେଁ ଏବଂ ସମସ୍ତେ ମିଶି ପୀଡ଼ିତଙ୍କୁ ନୂଆ ଆରମ୍ଭ ଦେବାକୁ ପ୍ରୟାସ କରିବେ ବୋଲି ସେ ଆଶ୍ୱାସନା ଦେଇଛନ୍ତି । ସୋନୁ କହିଛନ୍ତି ଯେ, ଭାରତରୁ ସେମାନେ କମ୍ବଳ ଓ ଖାଦ୍ୟ ସାମଗ୍ରୀ ନେଇ ଆସିଛନ୍ତି । ପୀଡ଼ିତଙ୍କ ବର୍ତ୍ତମାନ କ'ଣ ଆବଶ୍ୟକତା ରହିଛି, ତାହା ଜାଣିବା ପରେ ଭାରତରୁ ଅଧିକ ସାମଗ୍ରୀ ପଠାଇବାକୁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି । କେବଳ ଚଳିତ ମାସ ନୁହେଁ, ଆଗାମୀ କିଛି ମାସ ପର୍ଯ୍ୟନ୍ତ ନେପାଳକୁ ରିଲିଫ୍ ସହାୟତା ଜାରି ରଖିବାକୁ ସେ ନିଶ୍ଚିତ କରିବେ ବୋଲି କହିଛନ୍ତି ।

# ୧୦ ଦିନରେ ଗୋଟିଏ ପରିବାରର ୪ ଶିଶୁଙ୍କ ମୃତ୍ୟୁ

ଭୋପାଳ, ୨।୯ : ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲା ସଇସପୁରା ଅଞ୍ଚଳରେ ଶୋକକୂଳ ପରିବେଶ । ମାତ୍ର ୧୦ ଦିନ ମଧ୍ୟରେ ଗୋଟିଏ ପରିବାରର ୩ ଭାଇଙ୍କ ସମେତ ୪ ଜଣ ଶିଶୁଙ୍କ ସନ୍ଦିଗ୍ଧ ରୋଗରେ ମୃତ୍ୟୁ ଘଟିଛି । ସମସ୍ତଙ୍କଠାରେ ପ୍ରାୟ ସମାନ ଲକ୍ଷଣ ଦେଖାଯାଇଥିଲା । ପ୍ରବଳ ଜ୍ୱର, ପେଟରେ ଅସହ୍ୟ ଯନ୍ତ୍ରଣା, ବାନ୍ତି-ଝାଡ଼ା ସହ ଧୀରେ ଧୀରେ ଶରୀରର ଏକାଧିକ ଅଙ୍ଗ ଅକାମୀ ହୋଇଯିବା ଭଳି ଲକ୍ଷଣ ଦେଖା ଦେଇଥିଲା । ପ୍ରାଥମିକ ପରୀକ୍ଷାରୁ ମୃତ ଶିଶୁମାନଙ୍କ ମଧ୍ୟରୁ କେହି ହେଲେ ମ୍ୟାଲେରିଆ, ଡେଙ୍ଗୁ କିମ୍ବା କୋଭିଡରେ ଆକ୍ରାନ୍ତ ନଥିଲେ । ଏହା ସତ୍ତ୍ୱେ ବି ହଠାତ ଶିଶୁମାନଙ୍କ ମୃତ୍ୟୁ କାହିଁକି ହେଲା ଏବେ ବି ତାହା ରହସ୍ୟ ହୋଇ ରହିଛି । ସୂଚନାଯୋଗ୍ୟ, ପ୍ରଥମେ ୧୪ ବର୍ଷୀୟ ତାହିର ଖାନଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ତାଙ୍କ ମାମୁଁଙ୍କ ୧୯ ବର୍ଷୀୟ ପୁଅ ଅୟାଜଙ୍କ ମୃତ୍ୟୁ ଘଟିଥିଲା । ପରବର୍ତ୍ତୀ ସମୟରେ ପରିବାରର ଅନ୍ୟ ଦୁଇ ଶିଶୁ ତାରୁଫ୍ (୧୧) ଓ ତାସିଫ୍ (୯) ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣାକୁ ଗୁରୁତ୍ୱର ସହ ନେଇ ସ୍ୱାସ୍ଥ୍ୟ ବିଭାଗ ପ୍ରୀଡ଼ିତ ପରିବାରକୁ ନଜରରେ ରଖିଛି । ଅଞ୍ଚଳରେ ସର୍ଭେ ଓ ପରୀକ୍ଷା ଆରମ୍ଭ କରାଯାଇଛି । ଡେଙ୍ଗୁ ଲାର୍ଭା ସର୍ଭେରେ ମଧ୍ୟ ଏପର୍ଯ୍ୟନ୍ତ ଲାର୍ଭା ମିଳିନାହିଁ । ଅନ୍ୟ ଲୋକଙ୍କ ମଧ୍ୟରେ ଏଭଳି ଲକ୍ଷଣ ନଥିବାରୁ ବ୍ୟାପକ ସଂକ୍ରମଣର ଆଶଙ୍କା କମ୍ ଥିବା ଅଧିକାରୀମାନେ କହିଛନ୍ତି । ମୃତ ଶିଶୁମାନଙ୍କ ଚିକିତ୍ସା ସମ୍ପର୍କିତ ରିପୋର୍ଟ ଓ କେସ୍ ହିଷ୍ଟ୍ରି ସଂଗ୍ରହ କରାଯାଉଛି । ଏହି ରିପୋର୍ଟକୁ ବିଶେଷଜ୍ଞମାନେ ଯାଞ୍ଚ କରିବା ସହ ଘଟଣାର ପ୍ରକୃତ କାରଣ ଖୋଜୁଛନ୍ତି । ମାମଲାର ସମ୍ପୂର୍ଣ୍ଣ ରିପୋର୍ଟ ଭୋପାଳସ୍ଥିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ପଠାଯାଇଛି ।

# ନିଟ୍-ୟୁଜି ପ୍ରାର୍ଥୀଙ୍କୁ ପିଟିସନ ପ୍ରତ୍ୟାହାର ଅନୁମତି ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨।୯ : ସୁପ୍ରିମକୋର୍ଟ ବୁଧବାର ନିଟ୍-ୟୁଜି ୨୦୨୬ ପରୀକ୍ଷାର ଜନୈକ ପ୍ରାର୍ଥୀଙ୍କୁ ତାଙ୍କ ପିଟିସନ ପ୍ରତ୍ୟାହାର କରିବାକୁ ଅନୁମତି ଦେଇଛନ୍ତି, ଏଥିରେ ପ୍ରାର୍ଥୀ ଅଭିଯୋଗ କରିଥିଲେ ଯେ ଆରମ୍ଭରେ ତାଙ୍କ ସ୍କୋର ୬୦୩ ଦେଖା ଯାଇଥିଲା, ହେଲେ ପରେ ବିନା କୌଣସି ସ୍ପଷ୍ଟିକରଣରେ ଏହାକୁ ହ୍ରାସ କରି ୩୨ ଅଙ୍କ କରି ଦିଆଯାଇଛି । ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ପି.ଏସ.ନରସିମହା ଓ ଜଷ୍ଟିସ୍ ଆଲୋକ ଅରାଧେଙ୍କ ପୀଠ ଏହି ମାମଲାର ଶୁଣାଣି କରୁଥିଲେ । ଏଥିରେ ଜଷ୍ଟିସ୍ ନରସିମହା ଆବେଦନକାରୀଙ୍କୁ ସମ୍ବିଧାନର ଅନୁଚ୍ଛେଦ ୩୨ରେ ସିଧା ସୁପ୍ରିମକୋର୍ଟ ଆସିବାକୁ ତାଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଥିଲେ । ତେବେ ପୀଠ ଆବେଦନକୁ ଏହାର ଗୁଣ ଓ ଦୋଷ ପାଇଁ ଖାରଜ କରୁନଥିବା କହିଛନ୍ତି, ହେଲେ ଆବେଦନକାରୀ ତାଙ୍କ ଅଭିଯୋଗକୁ ଉଚିତ ଉଚ୍ଚନ୍ୟାୟାଳୟଙ୍କ ସମ୍ମୁଖରେ ଉପସ୍ଥାପନ କରିପାରିବେ ବୋଲି ପରାମର୍ଶ ଦେଇଛନ୍ତି । କୋର୍ଟଙ୍କ ଏହି ଟିପ୍ପଣୀ ପରେ ଆବେଦନକାରୀଙ୍କ ପକ୍ଷରୁ କୋର୍ଟରେ ହାଜର ଓକିଲ ଅନୁଚ୍ଛେଦ ୩୨ରେ ଦାଖଲ ହୋଇଥିବା ପିଟିସନ ପ୍ରତ୍ୟାହାର କରିବାକୁ ନିବେଦନ କରି କହିଥିଲେ ଯେ ଏହା ଦ୍ୱାରା ଆବେଦନକାରୀ ଉଚ୍ଚନ୍ୟାୟାଳୟକୁ ଯାଇ ପାରିବେ । ସର୍ବୋଚ୍ଚନ୍ୟାୟାଳୟ ତାଙ୍କୁ ପିଟିସନ ପ୍ରତ୍ୟାହାର କରିବାକୁ ଅନୁମତି ଦେବା ସହିତ ସମ୍ବନ୍ଧିତ ଉଚ୍ଚନ୍ୟାୟାଳୟରେ ମାମଲାକୁ ଆଗକୁ ବଢାଇବା ପାଇଁ ନିଟ-ୟୁଜି ପ୍ରାର୍ଥୀଙ୍କୁ ସ୍ୱାଧୀନ କରିଛନ୍ତି । ତେବେ କେବଳ ଏହି ଆବେଦନକାରୀ ଏକାକୀ ଏପରି ଅଭିଯୋଗ ଆଣି ନାହାନ୍ତି । ଅନେକ ନିଟ୍-ୟୁଜି ଆବେଦନକାରୀ ଦାବି କରିଛନ୍ତି ଯେ ସେମାନଙ୍କ ଓଏମଆର ପତ୍ରରେ ଗଣନା କରିଥିବା ଅଙ୍କ ସେମାନଙ୍କ ଅନ୍ତିମ ସ୍କୋରକାର୍ଡରେ ଦେଖାଯାଇଥିବା ଅଙ୍କ ସହ ମେଳ ଖାଉ ନାହିଁ । ଏଥିରେ କିଛି ପ୍ରାର୍ଥୀ ଗୁରୁତର ଅଭିଯୋଗ କରିଛନ୍ତି । ସେମାନେ ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସୀ (ଏନଟିଏ)ଙ୍କୁ ଚୂଡ଼ାନ୍ତ ଅଙ୍କର ଗଣନା କିପରି କରାଯାଇଛି ସେ ବାବଦେ ସ୍ପଷ୍ଟିକରଣ ମାଗିଛନ୍ତି । ଏହିପରି ଏକ ମାମଲା ମହାରାଷ୍ଟ୍ରର ସୋହନ ଗାଭଟେ ବମ୍ବେ ହାଇକୋର୍ଟରେ ରୁଜୁ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଓଏମଆର ଉତ୍ତର ଅନୁସାରେ ତାଙ୍କୁ ୫୨୨ ଅଙ୍କ ମିଳିବାର ଥିଲା, ହେଲେ ଏନଟିଏ ଦ୍ୱାରା ଜାରି ସ୍କୋର କାର୍ଡରେ ଏହା ମାତ୍ର ୯୫ ଦେଖା ଯାଇଛି । ଏହି ପ୍ରସଙ୍ଗ ସୋସିଆଲ ମିଡିଆରେ ଅଭିଯୋଗର ଏକ ବ୍ୟାପକ ଲହରକୁ ଜନ୍ମ ଦେଇଛି, ଯେଉଁଥିରେ ପରୀକ୍ଷାର୍ଥୀମାନେ ଓଏମଆର ସିଟ୍, ଉତ୍ତରମାଳା ଓ ସ୍କୋରକାର୍ଡ ଫଟୋ ପୋଷ୍ଟ କରୁଛନ୍ତି ଓ ମୂଲ୍ୟାଙ୍କନରେ ତ୍ରୁଟିର ଅଭିଯୋଗ କରୁଛନ୍ତି । ଏଥିମଧ୍ୟରେ ଏନଟିଏ ପରୀକ୍ଷାର୍ଥୀମାନଙ୍କୁ ଅନଲାଇନରେ ପ୍ରସାରିତ ହେଉଥିବା ହେରଫେର କରାଯାଇଥିବା ଡକ୍ୟୁମେଣ୍ଟକୁ ବିଶ୍ୱାସ ନ କରିବାକୁ କହିଛନ୍ତି । ଏଜେନ୍ସି କହିଛନ୍ତି ଯେ ସୋସିଆଲ ମିଡିଆରେ ସେୟାର କରାଯାଇଥିବା କିଛି ଓଏମଆରସିଟ୍ ଓ ସ୍କୋର କାର୍ଡ ଡିଜିଟାଲ ରୂପେ ପରିବର୍ତ୍ତିତ ଅଥବା ଏଆଇ ଦ୍ୱାରା ନିର୍ମିତ ହୋଇଛି । ତେବେ ସର୍ବୋଚ୍ଚନ୍ୟାୟାଳୟ ଆଦେଶରେ ଏହା ସ୍ପଷ୍ଟ ହୋଇପାରୁନି ଅଙ୍କରେ କଥିତ ପରିବର୍ତ୍ତନ ହୋଇଥିଲା ନା ପ୍ରାର୍ଥୀଙ୍କ ପରିଣାମରେ କୌଣସି ତ୍ରୁଟି ରହିଛି ।

# ଦିଶା ସାଲିଆନ ମୃତ୍ୟୁ ମାମଲାର ତଦନ୍ତ କରିବ ସିବିଆଇ




ନୂଆଦିଲ୍ଲୀ, ୨।୯ : ଦିଶା ସାଲିଆନ ମୃତ୍ୟୁ ମାମଲାର ତଦନ୍ତ କରିବ ସିବିଆଇ । ତଦନ୍ତରେ ମୁମ୍ବାଇ ପୋଲିସ ଅବହେଳା କରିଥିବା ଅଭିଯୋଗ ଆଣିଥିଲେ ଦିଶାଙ୍କ ବାପା । ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ପାଇଁ ବମ୍ବେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ପାଇଁ ଜଣେ ବରିଷ୍ଠ ସିବିଆଇ ଅଧିକାରୀଙ୍କୁ ତଦନ୍ତ ଭାର ଦିଆଯିବାକୁ ମୁମ୍ବାଇ ସିବିଆଇର ଜଏଣ୍ଟ ଡାଇରେକ୍ଟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ପ୍ରମାଣ ନମିଳିବା ପର୍ଯ୍ୟନ୍ତ କାହାକୁ ବି ଅଭିଯୁକ୍ତ କରାଯିବ ନାହିଁ । ମୁମ୍ବାଇ ପୋଲିସ ଏହି ମାମଲାରେ ଏଫଆଇଆର ରୁଜୁ ନକରି କେବଳ ଅପମୃତ୍ୟୁ ମାମଲା ଭାବେ ଦୀର୍ଘଦିନ ଧରି ତଦନ୍ତ ଚଳାଇଥିବାରୁ କୋର୍ଟ ଅସନ୍ତୋଷ ପ୍ରକାଶ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଦିଶା ସାଲିଆନଙ୍କ ପିତା ସତୀଶ ସାଲିଆନ ଦାଖଲ କରିଥିବା ଆବେଦନ ଉପରେ ଏହି ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଆବେଦନରେ ଦିଶାଙ୍କ ମୃତ୍ୟୁ ତଦନ୍ତରେ ମୁମ୍ବାଇ ପୋଲିସ ଅବହେଳା କରିଥିବା ଅଭିଯୋଗ କରାଯାଇଥିଲା । ଜୁନ୍ ୮ ତାରିଖ ୨୦୨୦ରେ ମାଲାଡ୍ ଅଞ୍ଚଳରେ ଏକ ଆପାର୍ଟମେଣ୍ଟର ୧୪ ମହଲାରୁ ପଡ଼ି ଦିଶାଙ୍କ ମୃତ୍ୟୁ ଘଟିଥିଲା । ଘଟଣାର କିଛି ଦିନ ପରେ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ମୁମ୍ବାଇ ପୋଲିସର ପ୍ରାରମ୍ଭିକ ତଦନ୍ତରେ ଅନେକ ତ୍ରୁଟି ଥିବା ଦର୍ଶାଇ ଦିଶାଙ୍କ ପିତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପରିବାରକୁ ପୋଷ୍ଟମର୍ଟମ କିମ୍ବା ପୋଲିସ ରିପୋର୍ଟର କପି ଦିଆଯାଇନଥିବାରୁ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ସେନସେକ୍ସ ୭୧୧ ପଏଣ୍ଟ ହ୍ରାସ

ନୂଆଦିଲ୍ଲୀ, ୨।୯ : ଆମେରିକା ଏବଂ ଇରାନ ମଧ୍ୟରେ ଜାରି ଥିବା ଉତ୍ତେଜନା ଏବଂ ଅଶୋଧିତ ତୈଳ ମୂଲ୍ୟ ପୁଣି ଥରେ ବ୍ୟାରେଲ ପିଛା ୧୦୦ ଡଲାରରେ ପହଞ୍ଚିବା ଯୋଗୁଁ ଆଜି ଭାରତୀୟ ଷ୍ଟକ ବଜାର ହ୍ରାସ ପାଇଛି । ସେନସେକ୍ସ ୬୦୦ ପଏଣ୍ଟ ହ୍ରାସ ପାଇ ଖୋଲିଥିଲା । ନିଫଟି ୫୦ ୨୩,୯୦୦ରେ ପହଞ୍ଚି ଥିଲା । ସକାଳ ୯:୩୦ ସୁଦ୍ଧା ସେନସେକ୍ସ ୭୧୧ ପଏଣ୍ଟ କିମ୍ବା ୦.୯୧% ହ୍ରାସ ପାଇ ୭୬,୨୩୨ ରେ ପହଞ୍ଚିଥିଲା । ଏହି ସମୟରେ, ନିଫଟି ୫୦ ୨୩୪.୯୦ ପଏଣ୍ଟ କିମ୍ବା ୦.୯୮% ହ୍ରାସ ପାଇ ୨୩,୮୨୦.୯୦ ରେ କାରବାର କରିଥିଲା । ବଜାରରେ ବିକ୍ରୟ ଚାପ ସ୍ପଷ୍ଟ ଭାବରେ ଦେଖାଯାଉଛି ।

# ବନ୍ୟା ବିପନ୍ନଙ୍କ ପାଇଁ ଭାରତର ପଞ୍ଚମ ସହାୟତା ଗଲା

ନୂଆଦିଲ୍ଲୀ, ୨।୯ : ବିପନ୍ନ ନେପାଳକୁ ସହାୟତାର ହାତ ବଢ଼ାଇ ଭାରତ ଆଜି ପଞ୍ଚମ ପର୍ଯ୍ୟାୟ ରିଲିଫ୍ ସାମଗ୍ରୀ ପଠାଇଛି । ଏହି ସାମଗ୍ରୀ ମଧ୍ୟରେ ୫.୫ ଟନ୍ ଜରୁରୀକାଳୀନ ଔଷଧ ସହ ଅତ୍ୟାଧୁନିକ ଉପକରଣ ଓ ୧୧ ଜଣିଆ ବିଶେଷଜ୍ଞ ଉଦ୍ଧାରକାରୀ ଦଳ ସାମିଲ ଅଛନ୍ତି ।

# ଅଶୋଧିତ ତୈଳ ଦର ବଢ଼ିଲା

ନୂଆଦିଲ୍ଲୀ, ୨।୯ : ବୁଧବାର ପ୍ରାରମ୍ଭିକ ଏସୀୟ ବାଣିଜ୍ୟରେ ତୈଳ ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇଛି ୧ କାରଣ ଆମେରିକା ଏବଂ ଇରାନ ମଧ୍ୟରେ ଏକ ମାସର ଆପେକ୍ଷିକ ସ୍ଥିରତା ପରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ସହିତ ଆକ୍ରମଣ ହୋଇଥିଲା ।ଡବଲୁଟିଆଇ ବ୍ୟାରେଲ ପ୍ରତି ୯୧.୦୫ ଡଲାରରେ ପହଞ୍ଚିଥିଲା । ବ୍ରେଣ୍ଟ ୯୫.୬୮ ଡଲାରରେ ବାଣିଜ୍ୟ ହୋଇଥିଲା । ଦୁଇ ଦେଶ ମଧ୍ୟରେ ଶତ୍ରୁତା ପୁନଃ ଆରମ୍ଭ ହେବା ପରଠାରୁ ଉଭୟ ବେଞ୍ଚମାର୍କ ବର୍ତ୍ତମାନ ପ୍ରାୟ ୫ ଡଲାର ବୃଦ୍ଧି ପାଇଛି ।ଆମେରିକା କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ରିପୋର୍ଟ କରିଛି ଯେ ଏହା 'ବାୟୁ ପ୍ରତିରକ୍ଷା ସ୍ଥଳ, ରାଡାର ପ୍ରଣାଳୀ, ସାମୁଦ୍ରିକ ସମ୍ପତ୍ତି ଏବଂ ସୁବିଧା, ଖଣି ବିଛାଇବା କ୍ଷମତା ଏବଂ ଯୋଗାଯୋଗ ସ୍ଥଳ' ବିରୁଦ୍ଧରେ ଆକ୍ରମଣର ଏକ ଲହରୀ ସମାପ୍ତ କରିଛି । ହର୍ମୁଜ୍ ପ୍ରଣାଳୀରେ ବାଣିଜ୍ୟିକ ପରିବହନ ଏବଂ ଏହି ଅଞ୍ଚଳରେ ଆମେରିକୀୟ ସେବା ସଦସ୍ୟଙ୍କୁ ଟାର୍ଗେଟ କରି ଇରାନ ଦ୍ୱାରା ପ୍ରତିଶୋଧ ସ୍ୱରୂପ ଏହି ଆକ୍ରମଣ କରାଯାଇଥିଲା ।

# କଙ୍ଗୋରେ ଇବୋଲା ମୃତ୍ୟୁ ସଂଖ୍ୟା ୩୦୦୦ ପାର୍



ବ୍ରାଜାଭିଲ୍ଲେ, ୨।୯ : କଙ୍ଗୋ ଗଣରାଜ୍ୟରେ ଇବୋଲା ଯୋଗୁ ୩୦୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି । ଦେଶର ସବୁଠାରୁ ଭୟଙ୍କର ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ କର୍ତ୍ତୃପକ୍ଷ ସଂଘର୍ଷ କରୁଥିବା ବେଳେ ଇବୋଲା ମାମଲା ସଂଖ୍ୟା ୬୧୦୦ ଅତିକ୍ରମ କରିଛି । କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ମେ ୧୫ ତାରିଖରେ ଇଟୁରି ପ୍ରଦେଶରେ ଇବୋଲା ବ୍ୟାପିବା ଘୋଷଣା ହେବା ପରଠାରୁ ଏପର୍ଯ୍ୟନ୍ତ ୬,୧୮୬ ମାମଲା ଓ ୩୦୦୭ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି । କିଛି ସ୍ୱାସ୍ଥ୍ୟ ଅଧିକାରୀ ଓ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ, ଇବୋଲା ପ୍ରକୋପ ଜାନୁଆରି ମାସରୁ ଆରମ୍ଭ ହୋଇଥାଇପାରେ । ବିରଳ ବୁଣ୍ଡିବୁଗୟୋ ପ୍ରଜାତି ଦ୍ୱାରା ବୃଦ୍ଧି ପାଇଥିବା ଇବୋଲା ପ୍ରକୋପ ୨୦୧୮-୨୦୨୦ ମହାମାରୀକୁ ଅତିକ୍ରମ କରିବା ପରେ କଙ୍ଗୋର ଇତିହାସରେ ସବୁଠାରୁ ବଡ଼ ଓ ଘାତକ ହୋଇଛି । ଇବୋଲା ଛଅଟି ପ୍ରଦେଶକୁ ବ୍ୟାପିସାରିଛି ଓ ଏହା ଏପର୍ଯ୍ୟନ୍ତ ସବୁଠାରୁ ଦ୍ରୁତତମ ବୃଦ୍ଧି ପାଉଥିବା ଇବୋଲା ପ୍ରକୋପ ହୋଇ ରହିଛି ।

# ଜଳବାୟୁ ସଙ୍କଟ ନେଇ ଚେତାବନୀ ଦେଲା ଜାତିସଂଘ

ଜେନେଭା, ୨।୯ : ବିଶ୍ୱକୁ ଦଶନ୍ଧି ଧରି ନେପାଳରେ ଘଟିଥିବା ବିପର୍ଯ୍ୟୟ ଏବଂ ବିନାଶର ସମ୍ମୁଖୀନ ହେବାକୁ ପଡିବ ବୋଲି ଜାତିସଂଘର ଏକ ରିପୋର୍ଟ ଏପରି ସୂଚାଉଥିବା ପରି ମନେ ହେଉଛି । ଜଳବାୟୁ ପରିବର୍ତ୍ତନ ଉପରେ ଏହି ନୂତନ ରିପୋର୍ଟ ବିଶ୍ୱକୁ ଏକ ବଡ଼ ଚେତାବନୀ ଦେଇଛି । ଜାତିସଂଘ ପରିବେଶ କାର୍ଯ୍ୟକ୍ରମର ରିପୋର୍ଟ ଅନୁଯାୟୀ, ଆଗାମୀ ବର୍ଷଗୁଡ଼ିକରେ ପୃଥିବୀ ୧.୫ ଡିଗ୍ରି ସେଲସିୟସ୍ ବିଶ୍ୱ ଉଷ୍ମତାର ସୁରକ୍ଷିତ ସୀମା ଅତିକ୍ରମ କରିବ । ଏହାର ଅର୍ଥ ହେଉଛି ଆଗାମୀ ଅନେକ ଦଶନ୍ଧି ପାଇଁ ବିଶ୍ୱକୁ ପାଣିପାଗ ସମ୍ବନ୍ଧୀୟ ବିପର୍ଯ୍ୟୟ, ସମୁଦ୍ର ସ୍ତର ବୃଦ୍ଧି, ପ୍ରଜାତି ବିଲୁପ୍ତ ହେବା ଏବଂ ହିମ ତରଳିବା ଭଳି ଗମ୍ଭୀର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିପାରେ । ୟୁଏନଇପି ରିପୋର୍ଟ ୨୦୧୫ ପ୍ୟାରିସ ଜଳବାୟୁ ଚୁକ୍ତିନାମାର ବିଶ୍ୱ ତାପମାତ୍ରା ବୃଦ୍ଧିକୁ ପୂର୍ବ ଶିଳ୍ପ ସ୍ତରଠାରୁ ୧.୫ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ସୀମିତ ରଖିବା ଲକ୍ଷ୍ୟ ପରିପ୍ରେକ୍ଷୀରେ ଆସିଛି । ବୈଜ୍ଞାନିକମାନେ ଆକଳନ କରିଛନ୍ତି ଯେ, ବିଶ୍ୱ ପ୍ରାୟ ୧.୪ ଡିଗ୍ରି ସେଲସିୟସ ଉଷ୍ମ ହୋଇସାରିଛି । ରିପୋର୍ଟରେ, ଜାତିସଂଘ ପ୍ରଥମ ଥର ପାଇଁ ସ୍ପଷ୍ଟ ଭାବରେ ସ୍ୱୀକାର କରିଛି ଯେ ତାପମାତ୍ରା ସୀମା ବଜାୟ ରଖିବା ଆଉ ସମ୍ଭବ ନୁହେଁ । ବୈଜ୍ଞାନିକ ଏବଂ ଜାତିସଂଘ ଅଧିକାରୀମାନେ କହିଛନ୍ତି ଯେ ନୂତନ ରଣନୀତି ହେଉଛି ତାପମାତ୍ରା ବୃଦ୍ଧିକୁ ସର୍ବନିମ୍ନ ପର୍ଯ୍ୟନ୍ତ ସୀମିତ କରିବା ଏବଂ ତା'ପରେ ଧୀରେ ଧୀରେ ଏହାକୁ ହ୍ରାସ କରିବା । ରିପୋର୍ଟ ଅନୁସାରେ, ଶତାବ୍ଦୀର ମଧ୍ୟଭାଗରେ ବିଶ୍ୱ ତାପମାତ୍ରା ପ୍ରାୟ ୧.୮ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିପାରେ । ବର୍ତ୍ତମାନର ନୀତି ଆଧାରରେ, ୨୧୦୦ ସୁଦ୍ଧା ତାପମାତ୍ରା ବୃଦ୍ଧି ପ୍ରାୟ ୨.୬ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଆକଳନ କରାଯାଇଛି । ପୃଥିବୀ ସୁରକ୍ଷିତ ତାପମାତ୍ରା ୧.୫ ଡିଗ୍ରି ସେଲସିୟସ ସୀମା ଅତିକ୍ରମ କରିବାକୁ ଯାଉଛି । ବୈଜ୍ଞାନିକଙ୍କ ମତରେ, ୧.୫ ଡିଗ୍ରି ସୀମା ଅତିକ୍ରମ କଲେ ଦଶନ୍ଧି ଧରି ଜଳବାୟୁ ବହୁତ ଉଷ୍ମ ହୋଇପାରେ । ଏହି ସମୟ ମଧ୍ୟରେ, ପ୍ରଚଣ୍ଡ ଗରମ, ବନ୍ୟା, ମରୁଡି ଏବଂ ଅନ୍ୟାନ୍ୟ ପାଗ ସମ୍ବନ୍ଧୀୟ ବିପର୍ଯ୍ୟୟ ବୃଦ୍ଧି ପାଇପାରେ । ଏହା ଶସ୍ୟ ଉତ୍ପାଦନକୁ ପ୍ରଭାବିତ କରିବା, ଜଳ ଅଭାବ ବୃଦ୍ଧି କରିବା ଏବଂ ଅର୍ଥନୀତି ଉପରେ ଆର୍ଥିକ ଚାପ ପକାଇବାର ସମ୍ଭାବନା ମଧ୍ୟ ରହିଛି । ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଗରିବ ଏବଂ ଦୁର୍ବଳ ଜନସଂଖ୍ୟା ଉପରେ ସର୍ବାଧିକ ପ୍ରଭାବ ପକାଇବ । କିଛି ସ୍ଥାନରେ ପରିସ୍ଥିତି ଏତେ ଖରାପ ହୋଇପାରେ ।

# ମଣିପୁରରେ ହିଂସା : ପୁଣି ୨୫ ଘର ଜାଳିଦେଲେ

ଇମ୍ଫାଲ ୨।୯ : ମଣିପୁରରେ ଗତ କିଛି ଦିନ ଧରି ପୁଣି ହିଂସା ତେଜିବାରେ ଲାଗିଛି । ମଣିପୁରର କାଙ୍ଗପୋକ୍ପି ଜିଲ୍ଲାରେ ଗତକାଲି ଇମ୍ଫାଲ-ତାମେଙ୍ଗଲଙ୍କ ରୋଡ୍ ସଂଲଗ୍ନ ଏକ ଗ୍ରାମରେ ଦୁର୍ବୃତ୍ତମାନେ ୧୦ ଘର ଜାଳିଦେବାପରେ ଆଜି ପୁଣି ୨୫ଟି ଘର ଜାଳି ଦେଇଛନ୍ତି । ତିପୋରମ ଗ୍ରାମରେ ଆଜି ମଧ୍ୟ କିଛି ଦୁର୍ବୃତ୍ତ ୨୫ଟି ଘରେ ନିଆଁ ଲଗାଇ ଦେଇଛନ୍ତି । ସେଥି ମଧ୍ୟରୁ ୫ଟି ଘର ନେପାଳୀ ସମ୍ପ୍ରଦାୟର । ସୋମବାର କିଛି ଅସ୍ତ୍ରଧାରୀ ଗୋଷ୍ଠୀ ତିଖାଙ୍ଗ କୁକି ଗ୍ରାମରେ ଆକ୍ରମଣ କରିଥିଲେ । ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୪ ଜଣ ଆହତ ହୋଇଥିଲେ । ଗୁଳିମାଡ଼ ପରେ ଏହି ଆକ୍ରମଣ ହୋଇଥିଲା ବୋଲି ପୁଲିସ ଅଧିକାରୀ କହିଛନ୍ତି । ତେବେ ମଙ୍ଗଳବାର ହୋଇଥିବା ପୋଡ଼ାଜଳାରେ କିଛି ଗାଡ଼ି ମଧ୍ୟ ଜଳି ଯାଇଛି । ଗୁଳିମାଡ଼ରେ ଜଣେ ବ୍ୟକ୍ତି ଆହତ ହୋଇଥିଲେ । ତିପୋରମର ଗ୍ରାମବାସୀମାନଙ୍କୁ ହିଂସା ଉପୁଜିବାପରେ ୧୫ କିମି ଦୂର ମକୁଇକୁ ସ୍ଥାନାନ୍ତର କରାଯାଇଥିଲା । ସେମାନେ ଆଜି ପୁଣି ଗାଁକୁ ଫେରିଛନ୍ତି ।

# ନେପାଳ ବନ୍ୟା: ମୃତ୍ୟୁସଂଖ୍ୟା ୧୧ଶହ ଟପିଲାଣି



କାଠମାଣ୍ଡୁ, ୨।୯ : ନେପାଳ ପ୍ରଳୟକୁ ଆଠ ଦିନ ବିତିଲାଣି । ସମୟ ଯେତିକି ଗଡୁଛି, ଆଶଙ୍କା ସେତିକି ବଢୁଛି । ମୃତ୍ୟୁସଂଖ୍ୟା ପ୍ରାୟ ୧୧୧୪ରେ ପହଞ୍ଚିଛି । ଧ୍ୱଂସାବଶେଷ ତଳୁ ଖୋଜାଚାଲିଛି ଜୀବନର ସନ୍ଧାନ । ଭଗ୍ନାବଶେଷ ମଧ୍ୟରୁ ଲୋକଙ୍କୁ ଉଦ୍ଧାର କରାଯାଉଛି । ଅଗଷ୍ଟ ୨୬ ତାରିଖରେ ଭୀଷଣ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ନେପାଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଏବେ ବି ହଜାର ହଜାର ଲୋକଙ୍କ ମିଳୁନି ପତ୍ତା । ଟନେଲରେ ଫସିରହିଛନ୍ତି ଶହ ଶହ ଲୋକ । ଧ୍ୱଂସସ୍ତୂପ, ନଦୀକୂଳ, ଦୁର୍ଗମ ଗାଁଠୁ ଆରମ୍ଭ କରି ଜଳବିଦ୍ୟୁତ୍ ପ୍ରକଳ୍ପର ଟନେଲ୍ ପର୍ଯ୍ୟନ୍ତ ଚାଲିଛି ସନ୍ଧାନ ଓ ଉଦ୍ଧାର ଅଭିଯାନ । ହେଲିକପ୍ଟର, ଡ୍ରୋନ୍ ଆଉ ସ୍ନିଫର ଡଗ ସାହାଯ୍ୟରେ ଚାଲିଛି ସର୍ଚ୍ଚ ଅପରେସନ । ୨୬ ତାରିଖରେ ନେପାଳ-ତିବ୍ବତ ସୀମା ନିକଟରେ ବିଶାଳ ବରଫ ଓ ପଥର ଖଣ୍ଡ ଖସିବା ପରେ ହଠାତ୍ ପ୍ରବଳ ଜଳସ୍ରୋତ ଓ ମାଟି ଓ ପଥରର ସୁଅ ମାଡ଼ି ଆସିଥିଲା । ଭୋଟେକୋଶୀ ଓ ତ୍ରିଶୂଳୀ ନଦୀ ଦେଇ ତଳମୁଣ୍ଡକୁ ମାଡ଼ିଯାଇ ରସୁୱା, ନୁୱାକୋଟ, ଧାଦିଙ୍ଗ, ଗୋର୍ଖା, ତନହୁଁ, ନୱଲପରାସୀ ଓ ଚିତୱନ ସମେତ ବିସ୍ତୀର୍ଣ୍ଣ ଅଞ୍ଚଳରେ ଭୟଙ୍କର କ୍ଷୟକ୍ଷତି ହୋଇଥିଲା । ପ୍ରଳୟଙ୍କାରୀ ବନ୍ୟାରେ ଏପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୧୧ଶହ ଟପିଲାଣି । ପ୍ରାୟ ୪ ହଜାରରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି । ରେସକ୍ୟୁ ଅପରେସନକୁ ଜୋରଦାର କରାଯାଇଛି । ଏ ପର୍ଯ୍ୟନ୍ତ ୧୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଉଦ୍ଧାରକାରୀଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି ଖରାପ ପାଗ ଓ ଭାଙ୍ଗି ଯାଇଥିବା ରାସ୍ତା ଓ ସେତୁ ।

## ଆଶା ମଉଳିବା ପରେ ଆତ୍ମୀୟଙ୍କ କୁଶପୁତ୍ତଳିକାରେ ଅନ୍ତ୍ୟେଷ୍ଟି



କାଠମାଣ୍ଡୁ, ୨।୯ : ନେପାଳ ବିନାଶକାରୀ ବନ୍ୟାର ସପ୍ତାହକ ପରେ ବି ହଜାର ହଜାର ଲୋକେ ନିଜ ଆତ୍ମୀୟଙ୍କୁ ଖୋଜୁଛନ୍ତି । ବନ୍ୟା ସୁଅରେ ଅନେକ ଘର ଓ ଗାଁ ଭାସିଯାଇଛି । ବହୁ ସଂଖ୍ୟାରେ ଲୋକଙ୍କ ଆଉ ସନ୍ଧାନ ମିଳୁନି । ଲଗାତାର ଖୋଜାଖୋଜି କରିବା ପରେ ଯେତେବେଳେ ନିଖୋଜ ଫେରିଆସିବାର ଆଶା ମଉଳିଲା ପରିଜନ ଲୋକେ ଏବେ ସେମାନଙ୍କ ଅନ୍ତ୍ୟେଷ୍ଟି କରୁଛନ୍ତି । ନିଖୋଜ ପରିଜନଙ୍କ ଆତ୍ମାର ଶାନ୍ତି ଲାଗି ଲୋକେ ପ୍ରତୀକାତ୍ମକ ଅନ୍ତ୍ୟେଷ୍ଟି ଆରମ୍ଭ କରିଦେଇଛନ୍ତି ।ଏପରି ହେଉଥିବା ଅନ୍ତିମ ସଂସ୍କାରରେ କୁଶରେ ତିଆରି ପ୍ରତିମାକୁ ନିଖୋଜ ବ୍ୟକ୍ତିର ପ୍ରତୀକ ମାନି ପୁରା ରୀତି ରିବାଜର ସହ ଅନ୍ତିମ ବିଦାୟ ଜଣାଉଛନ୍ତି ଲୋକେ । ପରିଜନଙ୍କ କହିବା କଥା ହେଉଛି ସେମାନଙ୍କୁ ଶବ ମିଳି ନାହିଁ, ହେଲେ ସେମାନେ ଚାହୁଁଛନ୍ତି ନିଖୋଜ ବ୍ୟକ୍ତି ଯେଉଁଠି ବି ଥାଆନ୍ତୁ ତାଙ୍କ ଆତ୍ମାକୁ ଶାନ୍ତି ମିଳୁ । ଅନ୍ୟପଟେ ଯେଉଁ ଲୋକଙ୍କ ଶବ ମିଳିଛି ହେଲେ ଚିହ୍ନଟ ହୋଇ ପାରୁନି ସେମାନଙ୍କ ଲାଗି ପ୍ରଶାସନ ସାମୂହିକ ଅନ୍ତିମ ସଂସ୍କାର ଓ ପୋତିବାର ବ୍ୟବସ୍ଥା କରୁଛି । ଡିଏନଏ ଯାଞ୍ଚ ଲାଗି ସାମ୍ପୁଲ ସୁରକ୍ଷିତ ରଖିବା ପରେ ଅନେକ ଅଜ୍ଞାତ ଶବକୁ ବଡ଼ ଖାତ କରି ପୋତି ଦିଆଯାଇଛି । ଏଥି ଲାଗି ଜେସିବି ମେସିନର ସହାୟତା ନିଆଯାଉଛି । ଜରୁରିକାଳୀନ ଟିମ୍ ଅନୁସାରେ ଏ ପର୍ଯ୍ୟନ୍ତ ୧୧୦୦ ଲୋକଙ୍କ ଶବ ମିଳିଲାଣି । ହେଲେ ଏବେବି ୪,୫୦୦ ଲୋକେ ନିଖୋଜ ଅଛନ୍ତି । ଗତ ଅଗଷ୍ଟ ୨୬ ତାରିଖ ଦିନ ଚୀନ ସୀମା ପାଖ ନେପାଳରେ ଗ୍ଲାସିୟର ଧସିବା ଯୋଗୁ ବରଫ ପାଣି, ପଥର ଓ ମାଟି କାଦୁଅ ବନ୍ୟା ତଳକୁ ମୁହାଁଇଥିଲା । ଏହା ବ୍ୟାପକ କ୍ଷୟକ୍ଷତି କରିଛି ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଟୁମ୍ପା ଦିଗଲ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ସଚିନ ଦିଗଲଙ୍କ ଲିଖିତ ଏତଲା ଆଧାରରେ ମୈତ୍ରୀବିହାର ଥାନାରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିବା ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୫.୦୮.୨୦୨୬ ତାରିଖ ଦିନ ପ୍ରାୟ ୧.୩୦ ମିନିଟରେ ସାଲିଆ ସାହି ଅଞ୍ଚଳରେ କୌଣସି କଥାକୁ ନେଇ ଅଭିଯୋଗକାରୀ ସଚିନ ଦିଗଲଙ୍କ ସାନ ଭାଇ ଆକାଶ ଦିଗଲ ଏବଂ ଅଭିଯୁକ୍ତ ଟୁମ୍ପା ଦିଗଲ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ପ୍ରଥମେ ଆକାଶଙ୍କୁ ଚାପୁଡ଼ା ଓ ଗୋଇଠା ମାରି ତଳେ ପକାଇ ଦେଇଥିଲା ଏବଂ ପରେ ପାଖରେ ପଡ଼ିଥିବା ଏକ କାଠ ଫାଳିଆରେ ତାଙ୍କ ମୁଣ୍ଡକୁ ଅତି ନିର୍ମମ ଭାବେ ପିଟି ହତ୍ୟା ଉଦ୍ୟମ କରିଥିଲା। ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଭିଯୁକ୍ତ ଆକାଶଙ୍କୁ ପ୍ରାୟ ୩୦୦ ମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା ଏବଂ ତା'ର ଅନ୍ୟ ସହଯୋଗୀମାନଙ୍କୁ ଡାକି ଆକାଶଙ୍କ ଛାତି ଓ ପେଟକୁ ବାରମ୍ବାର ଗୋଇଠା ମାରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯିବାରୁ ଅଭିଯୁକ୍ତମାନେ ତାଙ୍କୁ ଛାଡ଼ି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଆକାଶଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍ ଏବଂ ପରେ ଏମ୍ସକୁ ନିଆଯାଇଥିଲା। ବର୍ତ୍ତମାନ ସେ ଉକ୍ତ ହସ୍ପିଟାଲର ଆଇସିୟୁରେ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୈତ୍ରୀବିହାର ଥାନା ପୋଲିସ ବିଶ୍ୱସ୍ତ ସୂଚନା ଆଧାରରେ ଆଜି ସାଲିଆ ସାହିର ହାତୀଆଣୁଣି ମନ୍ଦିର ନିକଟରେ ଚଢ଼ାଉ କରି ଫେରାର ମୁଖ୍ୟ ଅଭିଯୁକ୍ତ ଟୁମ୍ପା ଦିଗଲକୁ କାବୁ କରିଛି। ତା' ନିକଟରୁ ଆକ୍ରମଣରେ ବ୍ୟବହୃତ କାଠ ଫାଳିଆ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ତାକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଏବଂ ଏହି ଘଟଣାରେ ସମ୍ପୃକ୍ତ ଥିବା ତା'ର ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

# ମୋବାଇଲ ଚୋର ଗ୍ୟାଙ୍ଗ ଠାବ, ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ 'ଆମ ବସ୍' ଏବଂ ଭିଡ଼ ସ୍ଥାନରୁ ବାରମ୍ବାର ମୋବାଇଲ୍ ଓ ମୂଲ୍ୟବାନ ସାମଗ୍ରୀ ଚୋରି ହେଉଥିବା ଘଟଣାର ପର୍ଦ୍ଦାଫାଶ କରିବା ସହ ନୟାପଲ୍ଲୀ ପୋଲିସ ଏକ ଅନ୍ତଃଜିଲ୍ଲା ଚୋର ଗ୍ୟାଙ୍ଗର ୩ଜଣ ସଦସ୍ୟଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୁଧିଷ୍ଠୀର ପ୍ରଧାନ, ନୀଳ ରେଡ୍ଡି ଓ ଗଙ୍ଗାଧର ସେଠୀ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗଞ୍ଜାମ, ନୟାଗଡ଼ ଏବଂ କନ୍ଧମାଳ ଆଦି ଜିଲ୍ଲାରୁ ଆସିଥିବା ଏହି ପେସାଦାର ଲୁଟେରାମାନେ ସହରରେ ଅତ୍ୟନ୍ତ ସୁସଂଗଠିତ ଭାବେ ନିଜର କଳା କାରନାମା ଚଳାଉଥିଲେ। ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ଠିକଣା ନଥିଲା ଏବଂ ସେମାନେ ଯାଯାବର ବା ବନଜାରା ବେଶରେ ବୁଲୁଥିଲେ। ଏହି ଗ୍ୟାଙ୍ଗର ମୁଖ୍ୟ ଟାର୍ଗେଟ୍ ଥିଲେ ମହିଳା, ବୟସ୍କ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀ। ସକାଳ ଓ ସନ୍ଧ୍ୟା ସମୟରେ ଆମ ବସ୍, ମନ୍ଦିର, ମାର୍କେଟ୍ ଏବଂ ବସ୍ ଷ୍ଟାଣ୍ଡ ଭଳି ଅଞ୍ଚଳରେ ଏହି ଗ୍ୟାଙ୍ଗର ସଦସ୍ୟମାନେ କୌଶଳ କ୍ରମେ କୃତ୍ରିମ ଭିଡ଼ ସୃଷ୍ଟି କରୁଥିଲେ। ଯାତ୍ରୀମାନେ ଅସାବଧାନ ଥିବା ବେଳେ ସେମାନେ ଅତି ଚତୁରତାର ସହ ପକେଟ୍ ଓ ଭ୍ୟାନିଟି ବ୍ୟାଗରୁ ମୋବାଇଲ୍, ନଗଦ ଟଙ୍କା ଏବଂ ସୁନାଗହଣା ପାର୍ କରିଦେଉଥିଲେ। ଚୋରି କରିବା ପରେ ଏହି ସାମଗ୍ରୀଗୁଡ଼ିକୁ ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନେ ଗଞ୍ଜାମ, ଗଜପତି, ଭଦ୍ରକ ଆଦିବାହାର ଜିଲ୍ଲାରେ ଥିବା ସେମାନଙ୍କ ଦଲାଲମାନଙ୍କ ଜରିଆରେ ବିକ୍ରି କରି ମୋଟା ଅଙ୍କର ଟଙ୍କା ରୋଜଗାର କରୁଥିଲେ। ଆଜି ସକାଳ ପ୍ରାୟ ୯.୨୫ ମିନିଟରେ ନୟାପଲ୍ଲୀ ପୋଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଏକାମ୍ର କାନନ (ଆରପିଆରସି) ଗେଟ୍ ନିକଟରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଛାତ୍ରଛାତ୍ରୀ ଓ ରାସ୍ତାରେ ଯାଉଥିବା ଲୋକଙ୍କୁ କମ୍ ଦାମରେ ଦାମୀ ମୋବାଇଲ୍ ବିକ୍ରି କରିବାକୁ ଉଦ୍ୟମ କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଥାନାର ଏସ୍ଆଇ ପ୍ରତାପ କୁମାର ଦାସ ଓ ତାଙ୍କର ପୋଲିସ ଟିମ ଘଟଣା ସ୍ଥଳରେ ଚଢ଼ାଉ କରି ଏହି ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ସନ୍ଦେହଜନକ ଅବସ୍ଥାରେ କାବୁ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ଠାରୁ ବିଭିନ୍ନ କମ୍ପାନୀର ୫ଟି ଦାମୀ ଆଣ୍ଡ୍ରଏଡ୍ ମୋବାଇଲ୍ ଉଦ୍ଧାର କରାଯାଇଛି। ପଚରାଉଚରା ବେଳେ ସେମାନେ ଏହାକୁ ଆମ ବସ୍ ଷ୍ଟପେଜ୍ ରୁ ଚୋରି କରିଥିବା ଏବଂ କମ୍ ଦାମରେ ବିକ୍ରି କରିବାକୁ ଉଦ୍ୟମ କରୁଥିବା କଥା ସ୍ୱୀକାର କରିଛନ୍ତି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତମାନଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଏବଂ ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।

## ଅଜଣା ଗାଡ଼ି ଧକ୍କାରେ ୨ ଯୁବକ ଗୁରୁତର



ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ରତାମାଟି ଛକ ନିକଟରେ ବୁଧବାର ଏକ ଭୟାବହ ରାସ୍ତା ଦୁର୍ଘଟଣା ଘଟିଛି। ରାସ୍ତା ଅତିକ୍ରମ କରୁଥିବା ଏକ ବାଇକ୍‌କୁ ଏକ ଅଜଣା ଗାଡ଼ି ସମ୍ମୁଖରୁ ଧକ୍କା ଦେଇ ଦ୍ରୁତ ଗତିରେ ଫେରାର ହୋଇଯାଇଛି। ଏହି ଦୁର୍ଘଟଣାରେ ବାଇକ୍‌ଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଥିବା ବେଳେ ବାଇକ୍ ଆରୋହୀ ଅଚ୍ୟୁତପୁର ପଞ୍ଚାୟତ ଅଞ୍ଚଳର ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟ ଗୁରୁତର ଯୁବକଙ୍କୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସେଠାରେ ସେମାନଙ୍କର ଚିକିତ୍ସା ଜାରି ରହିଛି। ସୂଚନାଯୋଗ୍ୟ ଯେ, ମାତ୍ର ମାସେ ତଳେ ଉକ୍ତ ରତାମାଟି ଛକରେ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ କରକମଳରେ ଏକ ଫୁଟ୍ ଓଭରବ୍ରିଜ୍‌ର ଲୋକାର୍ପଣ ହୋଇଥିଲା। ନଗରବାସୀ ଓ ସ୍ଥାନୀୟ ଯାତ୍ରୀଙ୍କ ସୁରକ୍ଷିତ ରାସ୍ତା ଅତିକ୍ରମ ପାଇଁ ଏହା ନିର୍ମାଣ କରାଯାଇଥିଲେ ହେଁ, ବାସ୍ତବରେ ତାହା ସାଧାରଣ ଲୋକଙ୍କ କୌଣସି କାମରେ ଆସୁନାହିଁ। ଫଳରେ ଲୋକେ ଜୀବନକୁ ବାଜି ଲଗାଇ ବାଧହୋଇ ବାଇକ୍ ଓ ପାଦରେ ଚାଲି ଚାଲି ୧୬ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରୁଛନ୍ତି, ଯାହା ପ୍ରତିଦିନ ନୂଆ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ପ୍ରଶାସନ ଓ ନିର୍ମାଣକାରୀ ସଂସ୍ଥା ଏହି ଫୁଟ୍ ଓଭରବ୍ରିଜ୍‌ର ସଠିକ୍ ବିନିଯୋଗ ଏବଂ ରତାମାଟି ଛକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ନକଲେ ଆଗାମୀ ଦିନରେ ଅଧିକ ଧନଜୀବନ ହାନି ହେବାର ଭୟ ରହିଛି। ସ୍ଥାନୀୟ ଜନସାଧାରଣ ଏହି ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ ଦାବି କରିଛନ୍ତି।

## ମୋମୋ ଗୋଦାମରେ ଚଢ଼ାଉ, ପେଟି ପେଟି ମୋମୋ ଜବତ

କଟକ(ନିପ୍ର): ମୋମୋ ଗୋଦାମରେ ଚଢ଼ାଉ । କଟକ ଭାଣପୁରରେ ଥିବା ଏକ ଓ୍ୱାଓ ମୋମୋ ଗୋଦାମରେ ଏକ ବଡ଼ ଧରଣର ରେଡ କରିଛି ଫୁଡ୍ ସେଫ୍ଟି ବିଭାଗ। ଗୋଦାମ ଭିତରେ ପେଟି ପେଟି ମୋମୋ ମହଜୁଦ ରହିଥିବା ବେଳେ, ଦୀର୍ଘଦିନ ଧରି ଏଗୁଡ଼ିକୁ ଫ୍ରିଜ୍‌ରେ ସଂରକ୍ଷିତ କରି ବିଭିନ୍ନ ସ୍ଥାନକୁ ଯୋଗାଣ କରାଯାଉଥିବା ଜଣାପଡ଼ିଛି। କଟକ ସମେତ ଭୁବନେଶ୍ୱର ଓ ପୁରୀ ଭଳି ସହରକୁ ମୋମୋ ଯୋଗାଣ ହେଉଥିବା ସୂଚନା ମିଳିଛି । ଚଢ଼ାଉ ବେଳେ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଆବଶ୍ୟକ ବୈଧ କାଗଜପତ୍ର ଦେଖାଇ ନପାରିବାରୁ ଗୋଦାମକୁ ସିଲ୍ କରିଛି କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଥିବା ସଂସ୍ଥା ବିରୋଧରେ ନିୟମ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେଏମସି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି । ଗୋଦାମରୁ ଜବତ ହୋଇଥିବା ମୋମୋର ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ, ଏହାର ଗୁଣବତ୍ତା ଓ ସଂରକ୍ଷଣ ପ୍ରକ୍ରିୟାକୁ ନେଇ ଆଗକୁ ଆହୁରି ତଥ୍ୟ ସାମ୍ନାକୁ ଆସିବ ବୋଲି ସୂଚନା ମିଳିଛି।

## ପଲିଥିନ ବ୍ୟବହାରକାରୀ ଦୋକାନ ଉପରେ ଏନଏସିର ଚଢ଼ାଉ



କାଶୀନଗର(ନିପ୍ର): କାଶୀନଗର ସହରରେ ପଲିଥିନ କଟକଣାକୁ ନ ମାନି ବ୍ୟାପକ ଭାବେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ଚାଲିଛି । ଦୋକାନୀମାନେ ଅବାଧରେ ପଲିଥିନ ମାଧ୍ୟମରେ ନିଜ ନିଜ ସାମଗ୍ରୀ ବିକ୍ରି କରୁଥିବା ନଜରକୁ ଆସିଛି। ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାରରେ ରୋକ ଲଗେଇବା ପାଇଁ କାଶୀନଗର କାର୍ଯ୍ୟ ନିର୍ବାହୀ ଅଧିକାରୀ କେ ଦିବ୍ୟରଞ୍ଜନଙ୍କ ଉପସ୍ଥିତରେ ଏକ ଟିମ କାଶୀନଗର ସହରରେ ଥିବା ମିଠା, ତେଜରାତି ଓ ପାନ ଦୋକାନଗୁଡ଼ିକ ଉପରେ ଚଢ଼ାଉ କରି ଟ୍ରେଡ଼ ଲାଇସେନ୍ସ ପାଇଁ ମଧ ଧରପଗଡ଼ କରୁଥିବା ଦୃଷ୍ଟିକୁ ଆସିଥିଲା । ଦୋକାନ ଗୁଡ଼ିକ ଉପରେ ଚଢ଼ାଉ କରି ପ୍ରାୟ ୬୦୦୦ ଟଙ୍କାର ଫାଇନ ଆଦାୟ ହୋଇଥିବା ସୂଚନା ମିଳିଛି ।

## ପେସାଦାର ଚୋର ଦୋଷୀ ସାବ୍ୟସ୍ତ, ଜେଲ ଦଣ୍ଡାଦେଶ

ଭୁବନେଶ୍ୱର(ନି.ପ୍ର): ଆଜି ମାନ୍ୟବର ଜେଏମଏଫସି-୫, ଭୁବନେଶ୍ୱରଙ୍କ ଅଦାଲତ ଭରତପୁର ଥାନା ଅଞ୍ଚଳରେ ହୋଇଥିବା ଏକ ଚୋରି ମାମଲାର ବିଚାର କରି ପେସାଦାର ଅପରାଧୀ ଦେବରାଜ ବେହେରାକୁ ଦୋଷୀ ସାବ୍ୟସ୍ତ କରିବା ସହ ୮ ମାସର କାରାଦଣ୍ଡ ସଜା ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୧.୦୪.୨୦୨୬ ତାରିଖ ସନ୍ଧ୍ୟା ପ୍ରାୟ ୫.୦୦ ସମୟରେ ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବ ନଗର (ଲେନ୍-୧୦-ଡି) ରେ ଥିବା ଏକ ଭଡା ଘରୁ ଶ୍ରମିକମାନେ ବଜାରକୁ ଯାଇଥିଲେ। ଏହି ସୁଯୋଗରେ ଅଭିଯୁକ୍ତ ବେଆଇନ ଭାବରେ ଉକ୍ତ ଘର ଭିତରେ ପ୍ରବେଶ କରି ଚୋରି କରିଥିଲା। ଜଣେ ସ୍ଥାନୀୟ ବ୍ୟକ୍ତିଙ୍କଠାରୁ ସୂଚନା ପାଇ ଶ୍ରମିକମାନେ ତୁରନ୍ତ ଘଟଣାସ୍ଥଳକୁ ଫେରି ଆସିଥିଲେ ଏବଂ ଅଭିଯୁକ୍ତ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ତାକୁ କାବୁ କରିନେଇଥିଲେ। ଅଭିଯୁକ୍ତକୁ ତଲାସି କରିବା ପରେ ତା' ନିକଟରୁ ଚୋରି ହୋଇଥିବା ଦୁଇଟି ମୋବାଇଲ୍ ଫୋନ୍ ଏବଂ ନଗଦ ୫,୦୦୦ ଟଙ୍କା ଉଦ୍ଧାର କରାଯାଇଥିଲା। ଏହାପରେ ସେମାନେ ଅଭିଯୁକ୍ତକୁ ପିସିଆର୍ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ ଏବଂ ୫୦ବର୍ଷୀୟ ଅଭିଯୋଗକାରୀ ମୋହନ ଦାସ ଏନେଇ ଭରତପୁର ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଭରତପୁର ଥାନାର ଏଏସଆଇ ସଞ୍ଜୟ କୁମାର ସାମଲ ଏହି ମାମଲାର ତଦନ୍ତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲା। ପୋଲିସର ଅଧିକ ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଜଣକ ଏକ ପେସାଦାର ଅପରାଧୀ ଏବଂ ଖଣ୍ଡଗିରି ତଥା ଭରତପୁର ଥାନାରେ ତା' ନାମରେ ପୂର୍ବରୁ ୩ଟି ଅପରାଧିକ ମାମଲା ରହିଛି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ସଫଳତାର ସହ ପରିଚାଳନା କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ବିଚାରକୁ ନେଇ ମାନ୍ୟବର ଅଦାଲତ ଆଜି ଅଭିଯୁକ୍ତ ଦେବରାଜ ବେହେରାକୁ ବିଏନଏସର ଧାରା ୩୦୫ (କ) ଆଧାରରେ ଦୋଷୀ ସାବ୍ୟସ୍ତ କରି ୮ ମାସର କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ସୂଚନାଯୋଗ୍ୟଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ୯୮ତମ ମାମଲା।

## ୪ଲକ୍ଷ ୪୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ: ଜଣେ ଗିରଫ

କଟକ(ନିପ୍ର): ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୪୨ ଗ୍ରାମ ବ୍ରାଉନ ସୁଗାର ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ବାଙ୍କୀ ପଥୁରୀପଡାର ବିଜୟ କୁମାର ମହାପାତ୍ର (୫୬)। ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିଓ୍ୱାରୀଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ଭକ୍ତ ବତ୍ସଳ ବର୍ମାଙ୍କ ନେତୃତ୍ୱରେ ବାଙ୍କୀ ପଥୁରୀପଡା ଶିବ ମନ୍ଦିର ନିକଟରେ ଚଢ଼ାଉ କରାଯାଇ ବିଜୟଠାରୁ ୪୨ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା। ଜବତ ବ୍ରାଉନ ସୁଗାରର ମୂଲ୍ୟ ୪ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଏହି ଟିମରେ ଏସଆଇ ନିରୁପମା ସାହୁ ଏଏସଆଇ ହରିହର ନାଏକ ପ୍ରମୁଖ ସାମିଲ ଥିଲେ ।

## ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରକୁ ଛୁରା ମାରିଲା ଦ୍ୱିତୀୟ ବର୍ଷ ଛାତ୍ର

ରେଢାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ୍ ବାଟଗାଁ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରକୁ ଛୁରାମାରିଲା ଦ୍ୱିତୀୟ ବର୍ଷର ଛାତ୍ର । ଛାତ୍ର ଜଣକର ପେଟରେ ଓ କାନ୍ଧରେ ଛୁରା ମାରିଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ ଗୁରୁତର ଆହତ ଛାତ୍ରଙ୍କୁ ପ୍ରଥମେ ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ଗୁରୁତର ଆହତ ଛାତ୍ର ଜଣକ ହେଲେ ଅମ୍ବାଝୁରୁ ଗ୍ରାମର ରାଜା ସାହୁ ବୋଲି ଜଣାପଡିଛି । ପେଟରେ କାନ୍ଧରେ ଲାଗିଛି ଆଘାତ । ଛାତ୍ର ଜଣକ କେଉଁଥିପାଇଁ ଛୁରାମାଡ କରିଛି କାରଣ ଅସ୍ପଷ୍ଟ ।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ସାଲେପୁର(ନିପ୍ର): ଗତକାଲି ବିଳମ୍ବିତ ରାତିରେ ସାଲେପୁର ଥାନ ଅଧିନ ଶିଶୁଆ ବଜାରର ବାହାବହଳପୁରଠାରେ ଆଇଚର ଗାଡି ସହିତ ମାଲ ବୋଝେଇ ଟାଟା ଏସି ଗାଡ଼ିକୁ ଧକ୍କା ହେଇଥିଲା। ସେହି ସମୟରେ ବାହାବହଳପୁର ଗ୍ରାମର ଜନୈକ ଯୁବକ ଚାଲି ଚାଲି ଘରକୁ ଫେରୁଥିବା ସମୟରେ ତାଙ୍କ ଉପରେ ଟାଟା ଏସି ଗାଡିଟି ଓଲଟି ପଡିଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ଆଜି ମୃତ୍ୟୁ ଘଟିଛି। ଖବରରୁ ପ୍ରକାଶ ଯେ ଗତକାଲି ବିଳମ୍ବିତ ରାତିରେ କେନ୍ଦ୍ରାପଡାରୁ କଟକ ଯାଉଥିବା ଆଇଚର ଗାଡି ସହିତ କେନ୍ଦ୍ରାପଡାରୁ କଟକ ଆସୁଥିବା ମାଲ ବୋଝେଇ ଟାଟା ଏସି ଗାଡି ସହିତ ପଛ ପଟୁ ଧକ୍କା ହେଇଥିଲା । ଏହି ସମୟରେ ଶିଶୁଆ ବାହାବହଳପୁର ଗ୍ରାମର ସତ୍ୟାନନ୍ଦ ନାଥ (୩୮) ଚାଲି ଚାଲି ଘରକୁ ଫେରୁଥିବା ସମୟରେ ତାଙ୍କ ଉପରେ ମାଲ ବୋଝେଇ ଟାଟା ଏସି ଗାଡିଟି ଓଲଟି ପଡିଥିଲା। ସ୍ଥାନୀୟ ଲୋକମାନେ ଗୁରୁତର ଅବସ୍ଥାରେ ଟାଟା ଏସି ତଳୁ ସତ୍ୟାନନ୍ଦକୁ ଉଦ୍ଧାର କରିଥିଲେ। ସେଠାରେ ଉପସ୍ଥିତ ସାଲେପୁର ପୁଲିସ ଗୁରୁତର ସତ୍ୟାନନ୍ଦକୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସିଧୀନ ଅବସ୍ଥାରେ ସତ୍ୟାନନ୍ଦର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଦୁର୍ଘଟଣା ଘଟାଇଥିବା ଦୁଇଟି ଗାଡିର ଡ୍ରାଇଭର ଫେରାର ହୋଇଯାଇଥିବା ସମୟରେ ସାଲେପୁର ପୋଲିସ ଦୁଇଟି ଗାଡିକୁ ଜବତ କରିବା ସହିତ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ରାସ୍ତା କାମରେ ଅର୍ଥ ଚଳୁ ଅଭିଯୋଗ, ଭିଜିଲାନସ ତଦନ୍ତ ଦାବି

ପିପିଲି(ନିପ୍ର): ପିପିଲି ବ୍ଲକ ସଂପୁର ପିଏମଜିଏସଓ୍ୱାଇ ବନପୁର ଭାୟା ଶଠସ ଚଉଦମାଣ ଛକ ପର୍ଯ୍ୟନ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଇ ଟେଣ୍ଡର ଅନଲାଇନ ସିସି-୦୩/୨୦୨୫ରେ ସିରିଏଲ ନଂ-୪ ରେ ୫୬୯.୮୦ ଅର୍ଥ ବ୍ୟୟ ବରାଦ ନେଇ ଭୁବନେଶ୍ୱର ମୁଖ୍ୟ ନିର୍ମାଣ ଇଂଜିନିୟର ସେଣ୍ଟ୍ରାଲ ଗ୍ରାମ ଉନ୍ନୟନ ବିଭାଗ ସର୍କଲ ବିଭାଗରୁ ତା. ୫.୨.୨୦୨୫ ରିଖରେ ଟେଣ୍ଡର ପ୍ରକାଶ ପାଇଥିଲା। ସେହି ଟେଣ୍ଡର ପ୍ରକ୍ରିୟାରେ ଏକ ନିର୍ମାଣ ଠିକା ସଂସ୍ଥା କାମ ପାଇଥିଲା। ଠିକା ନିର୍ମାଣ ସଂସ୍ଥା ୪ କୋଟି ୮୪ ଲକ୍ଷ ୩୯ ହଜାର ୮୫ ଟଙ୍କାରେ ୨୦୨୫ ମସିହା ସେପ୍ଟେମ୍ବର ମାସ ୧୬ ତାରିଖରେ କାର୍ଯ୍ୟ ଆରମ୍ଭ କରି ୨୦୨୬ ମସିହା ଜୁନ ମାସ ୧୫ ତାରିଖରେ ଶେଷ କରିବାକୁ ନିର୍ଦ୍ଦେଶନାମା ରହିଛି। ଉକ୍ତ କାର୍ଯ୍ୟକୁ ନିମ୍ନ ମାନର ସାମଗ୍ରୀ ସହ ସାମାନ୍ୟ ମାଟି କାର୍ଯ୍ୟ ୨୫% ଭାଗ କରି ବିଭାଗ ଓ କାର୍ଯ୍ୟ ଦାୟିତ୍ୱରେ ଥିବା ନ୍ୟସ୍ତସ୍ୱାର୍ଥ ସହକାରୀ ଯନ୍ତ୍ରୀ ବ୍ୟାପକ ଅର୍ଥ ଚଳୁ କରିଥିବା ଅଭିଯୋଗ ହୋଇଛି। ଏହାର ଭିଜିଲାନସ ତଦନ୍ତ କରାଯିବାକୁ ସ୍ଥାନୀୟ ସାଧାରଣରେ ଦାବି ହେଉଛି।

## ଦୋକାନୀକୁ ମାରଣାସ୍ତ୍ର ଦେଖାଇ ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଦୋକାନୀକୁ ମାରଣାସ୍ତ୍ର ଦେଖାଇ ଲୁଟ୍ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଦୀନବନ୍ଧୁ ବେହେରା। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ବିଳମ୍ବିତ ରାତିରେ ଅଭିଯୋଗକାରୀ ନିବାସ ପଟ୍ଟନାୟକ କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ଥିବା ତାଙ୍କ ଫଳ ଦୋକାନରେ ଥିବା ବେଳେ ଦୁଇ ଜଣ ଲୁଟେରା ଚନ୍ଦନ ନାୟକ ଓ ଦୀନବନ୍ଧୁ ବେହେରା ଏକ ଅଟୋରେ ଆସି ପହଞ୍ଚିଥିଲେ। ସେମାନେ ଜୋରଜବରଦସ୍ତ ଅଭିଯୋଗକାରୀଙ୍କୁ ଭୟଭୀତ କରାଇ ତାଙ୍କଠାରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ନଗଦ ଟଙ୍କା ଲୁଟି ନେଇଥିଲେ। ଏହି ସମୟରେ ଭରତପୁର ପୋଲିସର ଏକ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲା। ପୋଲିସକୁ ଦେଖି ଚନ୍ଦନ ଅଟୋ ଧରି ଫେରାର ହୋଇଯାଇଥିବା ବେଳେ ପୋଲିସ ଦୀନବନ୍ଧୁକୁ କାବୁ କରିବାରେ ସଫଳ ହୋଇଥିଲା। ପଚରାଉଚରା ବେଳେ ସେ ଲୁଟ୍ କରିଥିବା କଥା ସ୍ୱୀକାର କରିଛି ଏବଂ ତା' ନିକଟରୁ ଲୁଟ୍ ହୋଇଥିବା ମୋବାଇଲ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତ ଦୀନବନ୍ଧୁକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଏବଂ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ଚନ୍ଦନକୁ ଧରିବା ପାଇଁ ପୋଲିସରତଦନ୍ତ ଜାରି ରହିଛି।

## ଟ୍ରକରୁ ବ୍ୟାଟେରୀ ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ଟ୍ରକ୍‌ରୁ ବ୍ୟାଟେରୀ ଚୋରି କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଜିତୁ ବିଶୋୟୀ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଗତକାଲି ତା ୦୧.୦୯.୨୦୨୬ ରାତିରେ ଅଭିଯୋଗକାରୀ ସିଦ୍ଧାର୍ଥ ମୁଖୀ ନିଜ ହାଇୱେ ଟ୍ରକ୍‌କୁ ଲିଙ୍ଗିପୁର ଛକଠାରେ ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ ଜଣେ ଚୋର ଟ୍ରକ୍ ରୁ ୨ଟି ବ୍ୟାଟେରୀ ଚୋରି କରି ନିଜ ବାଇକରେ ଲଦି ଫେରାର ହେଉଥିଲା। ଏହି ସମୟରେ ଖବର ପାଇ ଅଭିଯୋଗକାରୀ ସେଠାରେ ପହଞ୍ଚି ଚୋରକୁ କାବୁ କରିବା ସହ ୧୧୨କୁ କଲ କରି ପିସିଆରକୁ ଖବର ଦେଇଥିଲେ।

## ନିଛାଟିଆ ଜାଗାରେ ମାଡ ମାରି ଲୁଟ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଅଟୋରେ ବସାଇ ନିଛାଟିଆ ଜାଗାକୁ ନେଇ ମାଡ଼ ମାରିବା ସହ ମୋବାଇଲ୍ ଓ ଟଙ୍କା ଲୁଟ୍ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୋମନାଥ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ କାର୍ତ୍ତିକ ମୁର୍ମୁ ଜଣେ ରାଜମିସ୍ତ୍ରୀ ଭାବେ କାମ କରନ୍ତି। ଗତ ୦୧.୦୯.୨୦୨୬ ତାରିଖ ସନ୍ଧ୍ୟା ପ୍ରାୟ ୫.୩୦ ମିନିଟରେ ସେ ନିଜ ପ୍ରାପ୍ୟ ୧୦,୦୦୦/- ଟଙ୍କା ଧରି ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ୍ ଛକରେ ଜଟଣୀ ରେଳ ଷ୍ଟେସନ୍ ଯିବାକୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ସୋମନାଥ ସାହୁ ଓରଫ ଅନିଲ ତା' ଅଟୋରେ ଜଟଣୀ ଛାଡ଼ିଦେବ କହି ତାଙ୍କୁ ବସାଇଥିଲା। ମାତ୍ର ସେ ଜଟଣୀ ନଯାଇ ଅଟୋକୁ ଇନଫୋସିଟି-୨ ପଛପଟ ନିର୍ଜନ ଅଞ୍ଚଳକୁ ନେଇଯାଇଥିଲା। ସେଠାରେ ସେ ଅଭିଯୋଗକାରୀଙ୍କୁ ମାଡ଼ ମାରି ତାଙ୍କ ଠାରୁ ଗୋଟିଏ ଭିଭୋ ଆଣ୍ଡ୍ରଏଡ୍ ମୋବାଇଲ୍ ଯାହାର ମୂଲ୍ୟ ପ୍ରାୟ ୧୫,୦୦୦/- ଟଙ୍କା ଏବଂ ନଗଦ ୧୦,୦୦୦/- ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲା। ମାଡ଼ରେ ଅଭିଯୋଗକାରୀଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଇନଫୋସିଟି ପୋଲିସ ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରିବା ସହ ଆଜି ୦୨.୦୯.୨୦୨୬ ବିଶ୍ୱସ୍ତ ସୂଚନା ଆଧାରରେ ବଡ଼ରଘୁନାଥପୁର ଛକରୁ ଅଭିଯୁକ୍ତକୁ ଗିରଫ କରିଛି। ପଚରାଉଚରା ବେଳେ ସେ ଦୋଷ ସ୍ୱୀକାର କରିଛି ଏବଂ ତା' ନିକଟରୁ ଲୁଟ୍ ହୋଇଥିବା ମୋବାଇଲ୍ ସହ ନଗଦ ୩,୦୦୦/- ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି।


## SURYO FOODS & INDUSTRIES LIMITED

**Dinalipi Bhawan, A-54/1 & A-55/1, Nayapalli, Baramunda,**
**Bhubaneswar-751003, Odisha (India) CIN: L05004OR1989PLC002264**
**E mail: suryofoods.industries@gmail.com, Website: http://www.suryofoods.com**

**NOTICE** is hereby given that the **37th Annual General Meeting (AGM)** of the Members of **SURYO FOODS & INDUSTRIES LIMITED** will be held on **Monday, 28th September, 2026 at 11.30 A.M** at the registered office of the company at Dinalipi Bhawan, A-54/1 & A-55/1, Nayapalli, Baramunda, Bhubaneswar, Odisha-751003 to transact the business, as set out in the Notice of 37th AGM. The Annual Report of the Company for the Financial year 2025-26 along with the Notice of AGM has been e-mailed on 2nd September, 2026 to the members whose e-mail address have been made available by the Register and Transfer Agent or are registered with the Company and sent by permitted mode on 2nd September, 2026 to Members who have not registered their e-mail address.

Members are hereby informed that the notice of the 37th Annual General Meeting and 37th Annual Report of the Company are available on the website of the Company **www.suryofoods.com** and the Notice & Annual report can be viewed directly on the following links:

**https://suryofoods.com/general-meetings/ and https://suryofoods.com/sfil-annual-reports/**
Click- AGM Notice 2026 and Click- Annual Report 2025-26.
The Notice & Annual Report are also available for inspection at the registered office of the Company on all working days during business hours of the Company.

In compliance with Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015 Members are provided with the facility to cast their votes on all resolutions set forth in the Notice of the AGM using remote electronic voting system from a place other than the venue of the AGM ('remote e-voting'), provided by Central Depository Services (India) Limited (CDSL) and the business may be transacted through such voting. In order to enable its Members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of AGM; the Company has also enclosed a ballot form with the Notice of the Annual General Meeting.

Members can opt for only one mode of voting, i.e., e-voting or ballot form. In case members cast their votes through both the modes, voting done by e-voting shall prevail and votes cast through ballot form shall be treated as invalid.

The e-voting period commences on Friday, 25th September, 2026 at 10.00 A.M and ends on Sunday, 27th September, 2026 at 5.00 P.M. During this period, Members may cast their vote electronically. The e-voting module shall be disabled by CDSL thereafter.

The voting rights of Members shall be in proportion to the equity shares held by them in the paid up equity share capital of the Company as on 21st September,2026 ('cut-off date'). Any person, who is a Member of the Company as on the cut-off date is eligible to caste vote on all the resolutions set forth in the Notice of AGM using remove e-voting or ballot form or voting at the AGM.

In case you have any queries or issues regarding e-voting, you may refer the Frequently Asked Questions ("FAQs") and e-voting manual available at **www.evotingindia.com**, under help section or write an email to **helpdesk.evoting@cdslindia.com** or may call on 18002005533.

The Company has appointed M/s. Saroj Ray & Associates, Company Secretaries, Bhubaneswar-751015, as the scrutinizer to scrutinize the e-voting process as well as voting at the AGM through ballot paper in a fair and transparent manner.

The facility for voting, either through electronic voting system or ballot or polling paper shall also be made available at the AGM and Members who have not cast their vote by remote e-voting shall be able to exercise their right at the AGM. The Members who have cast their vote by remote e-voting prior to the AGM may also attend the AGM but shall not be entitled to cast their vote again.

A person who has acquired shares and become a member of the Company after the dispatch of notice of AGM and holding shares as of cut-off date, may obtain the login ID and password by sending a request at **www.evotingindia.com.** However, if the person is already registered with CDSL for remote e-voting then the existing user ID and password can be used for casting vote.

Every member entitled to attend and vote is entitled to appoint a proxy to attend and vote instead of himself/herself and such proxy need not be a member. Proxies in order to be effective should be duly completed, stamped (if applicable) and signed and must be deposited at the registered office of the company not less than 48 hours before the time for holding the Annual General Meeting.

Notice is also hereby given that pursuant to section 91 of the Companies Act, 2013 the Register of Members and Share Transfer Books of the Company will remain closed from Tuesday, 22nd September, 2026 to Monday, 28th September, 2026 (Both days inclusive) for the purpose of Annual General Meeting.

By Order of the Board
For Suryo Foods & Industries Limited

Place: Bhubaneswar
Date: 2nd September, 2026

Sd/-
**Manisha Satapathy**
Company Secretary and Compliance Officer

